## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ କେମିକାଲ୍

# ୩ ମାସ ହେଲା ହେଉନି ରୋଗୀଙ୍କ ନିଦାନ ସେବା

**ଭଦ୍ରକ, ୩।୨(ସମିସ):** ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ ଦ୍ୱୈତ ସେବାରେ ଚାଲିଛି । ଗେଲପୁର ସ୍ଥିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସ୍‌ରେ ୧ଶହ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ବିଭାଗ(ଏମ୍‌ସିଏଚ୍) ଚାଲିଥିବା ବେଳେ ପୁରୁଣା କ୍ୟାମ୍ପସ୍‌ରେ ଅନ୍ୟ ସବୁ ବିଭାଗ ଗୁଡିକ ଚାଲିଛି । ଦୁଇଦୁଇଟି ସ୍ଥାନରେ ନିଦାନ ନିଶୁଳ୍କ ପରୀକ୍ଷା ବା ସମନ୍ୱିତ ରୋଗ ପରୀକ୍ଷଣ କେନ୍ଦ୍ର ଚାଲିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉଟଡୋର ଆସୁଥିବା ରୋଗୀ ଓ ଇନ୍‌ଡୋରରେ ଦାଖଲ ହେଉଥିବା ରୋଗୀଙ୍କ ମାଗଣା ରକ୍ତ ନମୁନା, ମୂତ୍ର ଓ ମଳ ଆଦି ପରୀକ୍ଷଣ ଉକ୍ତ ନିଦାନ ନିଶୁଳ୍କ କେନ୍ଦ୍ର ବା ଲ୍ୟାବ୍‌ରେ କରାଯାଇଥାଏ । ଦିନକୁ ୨୫୦ଜଣ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରାଯାଇଥାଏ । ତେବେ ଗତ ୩ମାସ ହେବ ରୋଗୀଙ୍କର ନିଶୁଳ୍କ ପରୀକ୍ଷା କରାଯାଉନଥିବା ଜଣାଯାଇଛି । ମୁଖ୍ୟତଃ ୟୁରିଆ କ୍ରିଏଟିନ୍, ସିବିସି, ଲିପିଡ ପ୍ରୋଫାଇଲ, ୱାଇଡାଲ, ହେପାଟାଇଟିସ୍ ବି, ସି, ଆରଏଫଟି ଏଲ୍‌ଏଫଟି, କେଏଫ୍‌ଟି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦୀର୍ଘମାସ ହେବ କରାଯାଉନଥିବାରୁ ରୋଗୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେବଳ କ୍ରିଷ୍ଣା ଏଜେନ୍ସି ପକ୍ଷରୁ ଥାଇରଏଡ ଓ ଏଫ୍‌ଏନଏସି ଆଦି ପରୀକ୍ଷା କରାଯାଉଛି ।

ସୂଚନାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଦାନ ନିଶୁଳ୍କ କେନ୍ଦ୍ରରେ ଜଣେ ପାଥୋଲୋଜି ବିଶେଷଜ୍ଞଙ୍କ ସହ ୮ଜଣ ଲ୍ୟାବ୍ ଟେକ୍ନିସିଆନ୍ ଓ ୨ଜଣ ମ୍ୟାଲେରିଆ ଟେକ୍ନିସିଆନ କାର୍ଯ୍ୟରତ ଅଛନ୍ତି । ଦୈନିକ ୨୫୦ରୁ ଅଧିକ ରୋଗୀଙ୍କ ମାଗଣା ରୋଗ ପରୀକ୍ଷା ହେଉଥିବା ବେଳେ ଏବେ ରକ୍ତ ପରୀକ୍ଷା ଲାଗି ଆବଶ୍ୟକ ବିଭିନ୍ନ କ୍ୟାମିକାଲ (ରିଜେଣ୍ଟ) ଅଭାବରୁ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରାଯାଇ ପାରୁନଥିବା ଜଣାଯାଇଛି । ଦୀର୍ଘମାସ ଧରି ରୋଗୀମାନେ ରୋଗ ପରୀକ୍ଷାରୁ ବଞ୍ଚିତ ହୋଇ ଘରୋଇ ପାଥୋଲୋଜି ଗୁଡିକରେ ବ୍ୟବବହୁଳ ପରୀକ୍ଷା କରିବାକୁ ବାଧ ହେଉଛନ୍ତି । ଭଦ୍ରକ ହେଡ୍ କ୍ୱାଟରରେ ଏବେ ଛତୁ ଫୁଟିଲା ଭଳି ଖୋଲିଥିବା ପାଥୋଲୋଜି ଗୁଡିକରେ ଅନଭିଜ୍ଞ ଟେକ୍ନିସିଆନମାନେ ଏହାର ଭରପୁର ଫାଇଦା ନେଇ ରୋଗୀଙ୍କୁ ଶୋଷଣ କରୁଥିବା ଜଣାଯାଇଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଥୋଲୋଜିଷ୍ଟ ଦାୟିତ୍ୱରେ ଥିବା ଡାକ୍ତର ବିକମା ମିଶ୍ରଙ୍କୁ ପଚାରିବାରୁ, ପରୀକ୍ଷା ନିରୀକ୍ଷା ଲାଗି ଆବଶ୍ୟକ ରିଏଜେଣ୍ଟ ବା କେମିକାଲ ନଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଇ ପାରୁନଥିବା କହିବା ସହ ଏନେଇ ସେ ଜିଲ୍ଲା ମେଡିକାଲ ଅଫିସରଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି । ସରକାରୀ ସବୁ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ପରୀକ୍ଷା ଲାଗି ମାଗଣା ବ୍ୟବସ୍ଥା କରିଥିବା ବେଳେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଯୋଗୁଁ ରୋଗୀମାନେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଘରୋଇ ପାଥୋଲୋଜି ଗୁଡିକ ମାଲେମାଲ୍ ହେଉଥିବା ଜଣାଯାଇଛି । ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗଦାଗଦା ପରୀକ୍ଷା ରିପୋର୍ଟ ପଡ଼ିରହୁଥିବାରୁ ପରୀକ୍ଷା ସଠିକ୍ ଭାବେ କରାଯାଉନଥିବା ଅଭିଯୋଗ ଫର୍ଦ ମଧ୍ୟ ଲମ୍ବିବାର ଲାଗିଛି । ଏନେଇ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଫେଲୋସିପ୍‌ରେ ଶୋକସଭା

**ଭଦ୍ରକ, ୩।୨(ସମିସ):** ଭଦ୍ରକ 'ଫେଲୋସିପ୍' ଅଫିସ୍ ପରିସରରେ ଆଜି 'ସଂଗ୍ରାମୀ ହନିଫ୍'ଙ୍କ କନିଷ୍ଠପୁତ୍ର 'ବଦ୍‌ରୁଲ ହୋଦା' (ମୁନା ବାବୁ)ଙ୍କ ବିୟୋଗ ଜନିତ ଶୋକସଭା ରୋଭର୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ସଭାରେ ସଭାପତିତ୍ୱ କରିଥିଲେ କ୍ଲବର ସଭାପତି ସେକ୍ କାସିମ୍ ଖାଁ ଏବଂ ସଂଯୋଜନା କରିଥିଲେ ସୁଧାକର ରାଉତ । ଏହି ସଭାରେ ସେକ୍ ଫାରୁକ୍ ଭାଇ, ଲଲାଟେନ୍ଦୁ ମହାନ୍ତି, ପ୍ର. ଅଟଳବିହାରୀ ନାୟକ, ଅବଦୁଲ ମୁକିତ୍ ଖାଁ ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁନା ବାବୁଙ୍କ ଅମାୟିକ ବ୍ୟକ୍ତିତ୍ୱ, ଅସାଧାରଣ ଗୁଣାବଳୀ ସମ୍ବନ୍ଧରେ ଶ୍ରଦ୍ଧାସୁମନ ଅର୍ପଣରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହରିପ୍ରସାଦ ନନ୍ଦୀ, ସାଇ ପ୍ରସାଦ ମହାପାତ୍ର, ଡାକ୍ତର କିରଣ ଗୁଇଁ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ, ବିଜୟ ଘଡ଼େଇ, ସ୍ୱର୍ଗତ ମୁନା ବାବୁଙ୍କ ଜ୍ୟେଷ୍ଠାକନ୍ୟା 'ଜବି', ସାବିନା, ଜ୍ୱାଇଁ ଜମାଲ୍ ଖାଁ, ନାତୁଣୀ ସାରା ଖାଁ, ଇଂ ଅନୱର ହୁସେନ ଖାଁ, ମିର୍ଜା ଇଜାଜ୍, ସେକ୍ ନିୟାଜ୍, ସେକ୍ ଜିଲାବକ୍ସ, ସେକ୍ ମେହେବୁବ୍, ସେକ୍ ନୁକା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

## ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଆଗରପଡ଼ା, ୩।୨(ସମିସ):** ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଅଧିକ ସରକାରୀ ଉଚ୍ଚ ବିଦ୍ୟାଳୟ ଟିଲୋର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ରୀତାରାଣୀ ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବନ୍ତ ବିଡ଼ିଓ ପ୍ରଦୀପ ସେଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜକିଶୋରୀ ଆଚାରୀ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ଟିଲୋ ସରପଞ୍ଚ ସଂଗ୍ରାମକେଶରୀ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ସାମଲ, ଆଲୁମିନି କମିଟି ସଭାପତି ଆଲୋକ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ବସୁନ୍ଧରା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ କମଳାକାନ୍ତ ନାହାକ, ଗୟାଧର ମଲ୍ଲିକ, ଶିକ୍ଷୟିତ୍ରୀ ସାଗରିକା ପୁହାଣ, ଲକ୍ଷ୍ମୀମଣୀ ସାହୁ, ବାସନ୍ତୀଲତା ଜେନା, ଅଲିଭା ପଣ୍ଡା, ମୌନାବତୀ ସାମଲ, ସୁମିତ୍ରା ବେହେରା, ଗୌରୀବାଳା ପାତ୍ର, ଅଫିସ ସହାୟକ ପ୍ରଫୁଲ୍ଲ ବାରିକ, ସନ୍ତୋଷ ବେହେରାଙ୍କ ସମେତ ପରିଚାଳନା କମିଟି ସଭ୍ୟ/ସଭ୍ୟା ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ

**ଚାନ୍ଦବାଲି, ୩।୨(ସମିସ):** ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନଳଗୋହିରା ପକ୍ଷରୁ ୧୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୃତ୍ୟ, ସଙ୍ଗୀତ, କବିତା ଆବୃତ୍ତି, ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲୀ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଶେଷ କରି ମା'ମାନଙ୍କୁ ନେଇ ଅନୁଷ୍ଠିତ ଶଙ୍ଖନାଦ, ହୁଳହୁଳି ପ୍ରତିଯୋଗିତା ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାଶିବ ନାୟକଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବ୍ଲକ ସହ ଶିକ୍ଷା ଅଧିକାରିଣୀ ଅନୀତା ମିଶ୍ର, ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ ସଞ୍ଜୟ ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅଜୟ ବେହୁରିଆ, ନଳଗୋହିରା ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ଲମ୍ବୋଦର ଦାସ, ସମିତିସଭ୍ୟ ତରଣୀସେନ ମହାନ୍ତି, ସାହିତ୍ୟିକ ବେଣୁଧର ନାୟକ, ବରିଷ୍ଠ ସମାଜସେବୀ ମୁକୁନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ପରିଷଦର ସଂଯୋଜକ ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ନଳଗୋହିରାର ପ୍ରତିଷ୍ଠାତା ତଥା ପ୍ରଧାନ ଶିକ୍ଷକ ଆଡିଶ ତ୍ରିପାଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଓଲଟିଲା ମାଟି ବୋଝେଇ ଟ୍ରାକ୍ଟର

**ଭଣ୍ଡାରିପୋଖରୀ, ୩।୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳୀ ପଞ୍ଚାୟତ ମୋବାରକପୁର ଉପ୍ରା ସ୍କୁଲ ସମ୍ମୁଖରେ ଶୁକ୍ରବାର ଅପରାହ୍ନ ୩.୩୦ମି ସମୟରେ ଏକ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ତଳକୁ ଗଡ଼ିଯାଇ ଓଲଟିପଡ଼ିଥିବା ଜଣାଯାଇଛି । ଓଡି୨୨ ଆର ୦୯୧୧ନଂ ଟ୍ରାକ୍ଟର ପାଖ ପଡ଼ିଆରୁ ମାଟି ଉଠାଇ ପରିବହନ କରୁଥିଲା । ଟ୍ରାକ୍ଟରକୁ ହେଲପର ଚଳାଉଥିବା ବେଳେ ମାଲିକ ଅରେଇକଣା ଗ୍ରାମର ପ୍ରତାପ ଦାସ ପାଖରେ ବସିଥିଲେ । ଭାରସାମ୍ୟ ହରାଇ ଟ୍ରାକ୍ଟର ପାଣିନାଳ ଭିତରକୁ ଖସିପଡ଼ି ଓଲଟି ଯାଇଥିଲା । ଚାଳକ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ବେଳେ ମାଲିକ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ । ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି । ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ବେଳେ ସୂଚନା ପାଇ ମଧ୍ୟ ପୁଲିସ ଘଟଣାସ୍ଥଳକୁ ଯାଇଥିଲେ ବି ଟ୍ରାକ୍ଟରକୁ ଜବତ କରିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଭଦ୍ରକ, ୩।୨(ସମିସ):** ଭଦ୍ରକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଗତ ଜାନୁଆରୀ ୧୯ରୁ ଆରମ୍ଭ ହୋଇଥିବା ୮ ଦିନିଆ ଛାତ୍ରୀ ଆତ୍ମ ସୁରକ୍ଷା କୌଶଳ ଶିବିର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁପ୍ରତୀ କରଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ଉଦଯାପିତ ହୋଇଯାଇଛି । ଉକ୍ତ ସଭାରେ ଅଧ୍ୟାପକ ନୀଳଗିରି ରବି ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରଶିକ୍ଷିକା ହରପ୍ରିୟା ନାୟକ ଓ ଭାର୍ଗବୀ କାହାଳିଆ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସଂଯୋଜିକା ଅଧିକାରୀ ଅଧ୍ୟାପିକା ଅନିତାରାଣୀ ପୂର୍ତି ଓ ସହ ସଂଯୋଜିକା ଅଧ୍ୟାପିକା ସୁବାସିନୀ ସେଠୀଙ୍କ ତତ୍ତ୍ୱାବଧାନରେ ସଭାଟି ସମ୍ପାଦିତ ହୋଇଥିଲା । ଉକ୍ତ ସଭାରେ ଅଧ୍ୟକ୍ଷା ସୁପ୍ରିତୀ କର, ଅଧ୍ୟାପିକା ଅନିତାରାଣୀ ପୂର୍ତି ଓ ଡ.ସଙ୍ଗୀତା ଦାସ ଆତ୍ମରକ୍ଷା ସମ୍ପର୍କରେ ଛାତ୍ରୀମାନଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଶିବିରରେ ମହାବିଦ୍ୟାଳୟ ଅଧ୍ୟାପିକା ପୁଷ୍ପଲତା ଧଳ, ବନ୍ଦନା ରାଉତ, ଗୀତାଞ୍ଜଳି ସାହୁ, ଅନିଲ କୁମାର ବେହେରା, ସିଗ୍ଧାରାଣୀ ଖୁଣ୍ଟିଆ, ଅନିତାରାଣୀ ବାରିକ, ଇପସ୍ୱିତା ବିଶ୍ୱାଳ ତଥା ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । ଶେଷରେ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯିବା ସହିତ ଶିବିରର ସହ ସଂଯୋଜିକା ଅଧ୍ୟାପିକା ସୁବାସିନୀ ସେଠୀ ଧନ୍ୟବାଦ ଅର୍ପଣ କରି ସଭାକୁ ପରିସମାପ୍ତି କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମଞ୍ଜୁରୀରୋଡ୍, ୩।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ନରେନ୍ଦ୍ରପ୍ରସାଦ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସିଆରସିସି ଜ୍ୟୋତ୍ସ୍ନାକୁମାରୀ ବାରିକ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ବସନ୍ତଦାସ, ଉଦୟନାଥ ସେଠୀ ଯୋଗଦେଇ ଅବସର ନେଇଥିବା ପ୍ରଧାନଶିକ୍ଷକଙ୍କ ଶିକ୍ଷାଦାନ, ବିଦ୍ୟାଳୟ ଉନ୍ନତି କରଣରେ ତାଙ୍କର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ବ୍ୟବସାୟୀ ଜଗବନ୍ଧୁ ପାତ୍ରଙ୍କ ପରଲୋକ



**ଦୋବଲ, ୩।୨(ସମିସ):** ଦୋବଲ କାଳୀବଜାରର ବିଶିଷ୍ଟ ବ୍ୟବସାୟୀ ଜଗବନ୍ଧୁ ପାତ୍ର (୮୩)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି । ଦୀର୍ଘ ଦିନ ଧରି ସେ ଅସୁସ୍ଥ ହୋଇ ଘରେ ଥିବା ବେଳେ ଗତକାଲି ରାତିରେ ତାଙ୍କର ପରଲୋକ ହୋଇଥିଲା । ଜଣେ ଜଣାଶୁଣା ପ୍ରତିଷ୍ଠିତ ବ୍ୟବସାୟୀ ଓ ଧର୍ମପାରାୟଣ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ । ଦୋବଲ ବୈଦିକ ଯଜ୍ଞ ମଣ୍ଡପର ଜଣେ ସକ୍ରିୟ ଥିଲେ । ନିଜ ବାସଭବନ ସ୍ଥାନୀୟ ରଘୁନାଥପୁରରୁ ଶନିବାର ପୂର୍ବାହ୍ନରେ ତାଙ୍କ ମର ଶରୀର ଶୋଭାଯାତ୍ରା ବାହାରି ଯଜ୍ଞ ମଣ୍ଡପ ଓ କାଳୀ ବଜାର ପରିକ୍ରମା କରିବା ପରେ ଗାଁ ମଶାଣିରେ ଶବ ସତ୍କାର ହୋଇଛି । ଏହି ଦୁଃଖଦ ଖବର ପାଇ ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, କୃତିବାସ ତ୍ରିପାଠୀ, ପ୍ରମୋଦ ନାୟକ, ସରପଞ୍ଚ ଅଶୋକ ପଣ୍ଡା, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ଦାସ, ଜିଲାପରିଷଦଙ୍କ ପ୍ରତିନିଧି ପ୍ରତାପ ସାମଲ, ମନୋରଞ୍ଜନ କର, କମଳାକାନ୍ତ ଦାସ, ସାମ୍ବାଦିକ ପ୍ରଦୀପ ମହାପାଠର, ଦେବେନ୍ଦ୍ର ଆଢିଆ, ପ୍ରଶାନ୍ତ ସାହୁ, ସୁବାଷ ଚନ୍ଦ୍ର ନନ୍ଦ, ଆଇନଜୀବୀ ରଣଜିତମହାନ୍ତି, ରାଜକିଶୋର ସାହୁ, ସିକ୍ଷକ ସରତ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଏଥିସହିତ ଦୋବଲ କାଳୀ ବଜାରର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇ ଶୋକ ପ୍ରକାଶ କରିଥିଲେ । ସ୍ୱର୍ଗତ ପାତ୍ରଙ୍କ ବଡପୁଅ ହୃଦାନନ୍ଦ ପାତ୍ର ମୁଖାଗ୍ନି ଦେଇଥିଲେ ।

## 'ବେଷ୍ଟ' ପରିସରରେ ସେମିନାର

**ଅସୁରାଳି, ୩।୨(ସମିସ):** ଅସୁରାଳି ସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ.ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତା ରେ ସେମିନାର ଅନୁଷ୍ଠିତ ହୋଇଯାଇଛି । ଉପାଧ୍ୟକ୍ଷ ଇଂ.କୁଳମଣି ଜେନା, ସେମିନାର ସଂଯୋଜକ ଇଂ. ଦୀପକ ନାୟକ, ମେକାନିକାଲ ବିଭାଗ ବିଭାଗୀୟ ମୁଖ୍ୟ ଇଂ.ଦେବେନ୍ଦ୍ର ମହାପାତ୍ର, ସେମିନାରରେ ଯୋଗ ଦେଇଥିଲେ । ଏହି ଅବସରରେ ଫେୟାର ବ୍ୟାଙ୍କ ଆଲାସ୍କା ବିଶ ବିଦ୍ୟାଳୟ, ଯୁକ୍ତ ରାଷ୍ଟ୍ର ଆମେରିକାର ମେକାନିକାଲ ବିଭାଗର ଚେୟାରମ୍ୟାନ ଡ.ଦେବେନ୍ଦ୍ର କୁମାର ଦାସ ଯୋଗ ଦେଇ ଯୁକ୍ତ ରାଷ୍ଟ୍ର ଆମେରିକା ର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରୋଜେକ୍ଟ ଆବଶ୍ୟକତା କୁ ଉଦାହରଣ ଦେଇ ବୁଝାଇଥିଲେ ଏବଂ ଏହି ସେମିନାର



ରେ ମେକାନିକାଲ ବିଭାଗ ରେ ୪ର୍ଥ ଏବଂ ୬ଷ୍ଠ ସେମିଷ୍ଟାର ୧୫୦ ରୁ ଅଧିକ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ସେମିନାର ସଂଯୋଜକ ଦାୟିତ୍ୱରେ ଇଂ.ଦୀପକ ନାୟକ କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ଶେଷରେ ବରିଷ୍ଠ ଅଧ୍ୟାପିକା ସୁମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହିପରି କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନ ର ଚେୟାରମ୍ୟାନ ଡକ୍ଟର ମନ୍ମଥ କୁମାର ବିଶ୍ୱାଳ ଭୂୟସୀ ପ୍ରଶଂସା କରିଛନ୍ତି ।

## ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ଜିଲ୍ଲା ପରିଦର୍ଶନ

**ଭଦ୍ରକ, ୩।୨(ସମିସ):** ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଏକ ଟିମ ଭଦ୍ରକ ଜିଲ୍ଲା ଗସ୍ତ କରି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ଆୟୋଗର ସଦସ୍ୟା ସୁଜାତା ଜେନା ଓ ଛବି ମାହାଲି ସମେତ ତଥ୍ୟ ଅଧିକାରୀ ଓ ଜଣେ ସହାୟକ କର୍ମୀ ଜିଲ୍ଲା ଗସ୍ତ କରି ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ଅନୁଷ୍ଠାନ, ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସମେତ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ସଦସ୍ୟା ପ୍ରମୁଖ ନଳାଙ୍ଗ ସ୍ଥିତ କୁମ୍ଭାରସାହି ଅଙ୍ଗନବାଡ଼ି କେନ୍ଦ୍ର, ଲାଙ୍ଗୁଡି ସ୍ଥିତ ଉତ୍କଳମଣି ଦରିଦ୍ର ନାରାୟଣ ଶିଶୁ ଅନୁଷ୍ଠାନ ପରିଦର୍ଶନରେ ଅନ୍ତେବାସୀ ମାନଙ୍କ ସହ ଆଲୋଚନା, ଖାଦ୍ୟ, ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧରେ ପଚାରି ବୁଝିଥିଲେ । ପରେ ଆଶିଆନା ମୁକ୍ତାଶ୍ରୟ କେନ୍ଦ୍ରରେ ପିଲାମାନଙ୍କ ସହ ଆଲୋଚନା ଓ ଶିଶୁ ମାନଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସାକ୍ଷାତ ପରେ ସମସ୍ତ ବିଭାଗୀୟ ଅଂଶୀଦାର ମାନଙ୍କ ସହ ଜିଲ୍ଲାପାଳଙ୍କ ସଭାଗୃହ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ପରିଦର୍ଶନ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଚନ୍ଦ୍ରଣି ସାହୁ, ରାଜଶ୍ରୀ ଗୋସ୍ୱାମୀ ଉପସ୍ଥିତ ଥିଲେ ଓ ଆଲୋଚନାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଇନ ପ୍ରୋବେ ସନ ଅଧିକାରୀ ସୁବ୍ରତ ଦାସ, ଅନୁଷ୍ଠାନ ଅଧିକାରୀ ବିଶ ନାରାୟଣ ପଣ୍ଡା, ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବାରିକ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଣୟ ନାୟକ ସମେତ ଶିଶୁ ଅନୁଷ୍ଠାନ ସମ୍ପାଦକ ଆଶୋକଦାସ, ଅଧିକ୍ଷକ ଧନଞ୍ଜୟ ଜେନା, ତଥାଗତ ଜେନା, ଆକାଶ ପୃଷ୍ଟି, ସସ୍ମିତା ନାୟକ, ମହେଶ ଦାଶ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ମଞ୍ଜୁରୀରୋଡ୍, ୩।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡ. ଶଶଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଶୁଭେନ୍ଦୁ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଉତ୍କଳକେଶରୀ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଆଚାର୍ଯ୍ୟ ସୁଶ୍ରୀ ଜ୍ୟୋତିପ୍ରଭା ଖଣ୍ଡାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ପ୍ରଶାନ୍ତ ବେହେରା ସ୍ୱାଗତ ଭାଷଣ ଓ ପ୍ରଧାନଆଚାର୍ଯ୍ୟ ତପନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଆଚାର୍ଯ୍ୟା ଇନ୍ଦୁମତି ଜେନା ଧନ୍ୟବାଦ ଦେଇଥିଲେ । ଅଷ୍ଟମ ଶ୍ରେଣୀ ଛାତ୍ର ଆକାଶ ଜେନାଙ୍କୁ 'ଏକଲବ୍ୟ ପୁରସ୍କାର' ପ୍ରଦାନ କରାଯାଇଥିଲା । ଆଚାର୍ଯ୍ୟା ଶୁଭଲକ୍ଷ୍ମୀ ସେନାପତିଙ୍କ ସଂଯୋଜନାରେ ବିଦ୍ୟାଳୟର ଶିଶୁ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# 'ବିକାଶକୁ ଚରମ ସୀମାରେ ପହଞ୍ଚାଇଛନ୍ତି ନବୀନ'

**ମଞ୍ଜୁରୀରୋଡ୍, ୩।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ବିଭିନ୍ନ ଜନହିତକାରୀ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ବିକାଶକୁ ନବୀନ ପଟ୍ଟନାୟକ ଚରମ ସୀମାରେ ପହଞ୍ଚାଇଥିବା ବିଧାୟକ ପ୍ରଫୁଲ୍ଲ ସାମଲ ମତବ୍ୟକ୍ତ କରିଛନ୍ତି । ଆଖୁଆପଦା ବୈତରଣୀ ଆନିକଟ ଠାରୁ ବଳିଘାଇ ପୋଲ ଯାଏଁ ପ୍ରାୟ ୭କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନଦୀବନ୍ଧ ସଦୃଢ଼ୀକରଣ କାର୍ଯ୍ୟର ଆଜି ଭିତ୍ତି ପ୍ରସ୍ତର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀସାମଲ ଯୋଗଦେଇ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ



କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରାଣୀତକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳକେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ବଦ୍ରିନାରାୟଣ ରାଉତ, ସମାଜସେବୀ ଶରତ ଜେନା, ବିଭୁ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, କନିଷ୍ଠଯନ୍ତ୍ରୀ ଶୁଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ । ସେହିଭଳି ଟି-୨ କହରାପୋଖରୀ ଠାରୁ ମୋବାରକପୁର ଯାଏଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ରାସ୍ତାର ମଧ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନୁରୂପ ଭାବେ ମୋବାରକପୁର-ଥଇଳା ଭାୟା କୋଟାସିରା ୬କିମି ଗ୍ରାମ୍ୟ ଉନ୍ନୟନ ରାସ୍ତାର ନବୀକରଣ ପାଇଁ ଆଜି ବିଧାୟକଙ୍କ କରକମଳରେ ଶୁଭ ଭିତ୍ତିପ୍ରସ୍ତର ଅନୁଷ୍ଠିତ ହୋଇଯାଇଛି । ସମସ୍ତ ରାସ୍ତାର ନବୀକରଣ କାର୍ଯ୍ୟ ୧୧ମାସ ଭିତରେ ଶେଷ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ରଞ୍ଜନ ନାୟକ ସୂଚନା ଦେଇଥିଲେ । ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁଚରଣ ଦାସ, ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ସମାଜସେବୀ ଅଜିତ ଦାସ, ସତ୍ୟାନନ୍ଦ ମହାପାତ୍ର, ଦେବେନ୍ଦ୍ର ଦାସ, ହେମନ୍ତ ଜେନା, ନୃସିଂହ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ହରମୋହନ ମହାପାତ୍ର ମେମୋରିଆଲ କ୍ରିକେଟ

# ଫାଇନାଲରେ ବାଲେଶ୍ୱର ଆଦର୍ଶ କ୍ଲବ

**ଭଣ୍ଡାରିପୋଖରୀ, ୩।୨(ସମିସ):** ସ୍ଥାନୀୟ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ହରମୋହନ ମହାପାତ୍ର ମେମୋରିଆଲ କ୍ରିକେଟ ୬ଷ୍ଠତମ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବାଲେଶ୍ୱର ଆଦର୍ଶ କ୍ଲବ ଓ ଯାଜପୁର ଇଲେଭେନ ଷ୍ଟାର୍ ଏକାଦଶ ପରସ୍ପରକୁ ମୁକାବିଲା କରିଥିଲେ । ଆଦର୍ଶ କ୍ଲବ ଅଧିନାୟକ ଟସ ଜିଣି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲଶ । ପ୍ରଥମେ ବ୍ୟାଟିଂ କରି ଇଲେଭେନ ଷ୍ଟାର ଏକାଦଶ ନିର୍ଦ୍ଧାରିତ ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଭିଳାଷ ରାଉତରାୟ୧୦୦ ରନ ଓ ରଶ୍ମିକାନ୍ତ ଦାସ ୫୨ ରନ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର ରାଜୀବ ଲୋଚନ ସାହୁ ୫ ଓଭର ବୋଲିଂ କରି ୩୪ ରନ ଦେଇ ୩ ଉଇକେଟ ଓ ନୌତମ ଭଞ୍ଜ ୫ ଓଭର ବୋଲିଂ କରି ୧୨ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ଆଦର୍ଶ ଏକାଦଶ ୨୨ ଓଭରରେ ୧୫୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ରାଜୀବ ଲୋଚନ ସାହୁ ୫୭ ଓ ଦେବାଶିଷ ମହାନ୍ତି ୩୮ ରନ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର ବିଭୂତି ଭୂଷଣ ଭୂୟାଁ ୫ ଓଭରରେ ୩୯ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ । ମ୍ୟାନ ଅଫଦି ମ୍ୟାଚ ବିବେଚିତ ରାଜୀବ ଲୋଚନ ସାହୁଙ୍କୁ ସ୍ଥାନୀୟ ଜ୍ୟୋତି ହାର୍ଡୱାର ପ୍ରୋପାଇଟର ଚିନ୍ମୟ ନାୟକ ପୁରସ୍କୃତ କରିଥିଲେ । ରାମଚନ୍ଦ୍ର ଦାଶ ଓ ଦେବବ୍ରତ ଦାଶ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ । ଶୋଭନ ଶଙ୍ଖୁଆ ସ୍କୋରର ଓ ପ୍ରତ୍ୟୁଷ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

# ସବୁଠି ଗୁଞ୍ଜରିତ ହେଲା ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'





ଭଦ୍ରକ,୩।୨(ସମିସ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ସମୂହଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀମାନେ ଯୋଗ ଦେଇଥିଲେ। ସରକାରୀ ବେସରକାରୀ ଭାବେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାଳନ କରାଯିବା ପାଇଁ ନିର୍ଦ୍ଦେଶ ଥିଲା। ସମସ୍ତ ବ୍ଲକ, ପୌରାଞ୍ଚଳ, ବିଭିନ୍ନ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ ସ୍ତରରେ ବି ଏହି ସମୂହଗାନ ପାଳନ ପାଇଁ ବ୍ୟବସ୍ଥା କରାଯାଇଥିଲା।

**ଭଦ୍ରକ:** ଭଦ୍ରକ ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟ ପ୍ରାଙ୍ଗଣରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀମାନଙ୍କ ଦ୍ୱାରା ଆଜି ପୂର୍ବାହ୍ନ ୧୧ଟାରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସମୂହ ଗାନ କରାଯାଇଥିଲା । ଏଥିରେ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଓଡ଼ିଶାର ବରେଣ୍ୟ ବରପୁତ୍ର ମାନଙ୍କୁ ମାଲ୍ୟାର୍ପଣ ସହ ସେମାନଙ୍କର





ସରପଞ୍ଚ ସରୋଜ ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ।

**ଧାମନଗର:** ଧାମନଗର ବ୍ଲକ ପରିସରରେ ବିଡିଓ ବନବିହାରୀ ଦିନ୍ଦାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ପକ୍ଷରୁ ଅନୁଷ୍ଠିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଓଡିଆ ସଙ୍ଗୀତ ନାଟକ ପୁରସ୍କାରପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ସଞ୍ଚାଳନ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ସମ୍ମାନିତ ଅତିଥି ଭାବେ ଧୂଷୁରୀ ପୂଜ୍ୟପୂଜା ସଂସଦ ସଭାପତି ବାବାଜୀ ଚରଣ ପଣ୍ଡା, ସମ୍ପାଦକ ଅକ୍ଷୟ ହୋତା, ଶିଶୁ ସାହିତ୍ୟିକ କାହ୍ନୁଚରଣ ପାଣିଗ୍ରାହୀ, ସେବାନିବୃତ୍ତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଦାଶ, କବି ଅର୍ଜୁନ

ରଂଜିତା ସିଅଳ, ଭାଗ୍ୟଶ୍ରୀ ପଣ୍ଡା, ବିଦ୍ୟୁତଲତା ଦାଶ, ସାବିତ୍ରୀ ଦାସ, ସୁଶାନ୍ତ ଜେନା, ଇତିଶ୍ରୀ ଜେନା, ଷ୍ଟାଲିନ ପାଣିଗ୍ରାହୀ, ବଳରାମ ସେଠୀ, ମହେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଭଦ୍ରକ:** ଆଦାନୀ ଧାମରା ପୋର୍ଟରେ ଓଡ଼ିଶାର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ସମୂହଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମରା ପୋର୍ଟ ସିଇଓ ଦେବେନ୍ଦ୍ର ଠାକରଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ଟାରେ ଏହି ସମୂହ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଓଙ୍କ ସମେତ ପୋର୍ଟର ସମସ୍ତ ଅଫିସର, କର୍ମଚାରୀ ଓ କମ୍ପାନୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଦୋଳସାହି:** ତିହିଡି ବ୍ଲକ ଅଧୀନସ୍ଥ କୁବେରା ପଞ୍ଚାୟତ ଜୟପୁର କ୍ଲଷ୍ଟର ଇଟାଗଡି ସରକାରୀ ଉଚ୍ଚ ପ୍ରାଥମିକ

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଥିରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଅଧ୍ୟାପକ ଭରତଚନ୍ଦ୍ର କରଣ, ସାହିତ୍ୟିକ ସୁରଞ୍ଜନ ପଣ୍ଡା, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କବି ବିଶ୍ୱମ୍ବର ନାଥ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁରୂପ ଭାବେ ତେସିଙ୍ଗା ପଞ୍ଚାୟତ ଠାରେ ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ରାଜେନ୍ଦ୍ରପୁର ଠାରେ ପୂର୍ଣ୍ଣଚନ୍ଦ୍ର ମାଝୀ, ନେରଡ଼ା ଠାରେ ଦେବଦାସୀ ଜେନା, ବିଷ୍ଣୁପୁର ଠାରେ ଅମୂଲ୍ୟ ନାୟକ, ରଣଜିତ ଠାରେ ସରପଞ୍ଚ ସୁଜାତା ସାହୁ, କୁରିଗାଁ ଠାରେ ସାଧନାଞ୍ଜଳି ମହାପାତ୍ର, ସରସଦା ଠାରେ

ଥିଲେ। ଏହି ସମ୍ମିଳନୀରେ ଗୋବିନ୍ଦପୁର ପଞ୍ଚାୟତର ୩ଟି ସ୍କୁଲ-ମଙ୍ଗଳାପଦା ଉଚ୍ଚ ବିଦ୍ୟାଳୟ, କୋରୁଆ ପ୍ରାଥମିକ ବିଦ୍ୟାଳୟ, କୋରୁଆ-ଗାବିନ୍ଦପୁର ଉଚ୍ଚ ବିଦ୍ୟାଳୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ୫୬ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ଅବସର ଗ୍ରହଣ କରି ଥିବା ଶିକ୍ଷକ ଓ ବଦାନ୍ୟ ବ୍ୟକ୍ତିମ ରଙ୍ଗାଧର ରାଉତ, ଶୁକଦେବ ନାୟକ, ହୃଷୀକେଶ ମାଝୀ, ସୁରେନ୍ଦ୍ର ନାଥ, ହାଡ଼ିବନ୍ଧୁ ବେହେରା, ନାରାୟଣ ଚନ୍ଦ୍ର ପତି, ଆକୁଳ ଚନ୍ଦ୍ର ଦାସ, ବିଦ୍ୟାଧର ମିଶ୍ର, ବାବାଜୀ ଚରଣ ଦାସ ଓ ପୁରୁଷୋତ୍ତମ ବେହେରାଙ୍କ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

**ଭଦ୍ରକ:** ବରପଦା ଅନ୍ତର୍ଗତ କୁସୁନନଗରସ୍ଥ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି' କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ ଡ.ଅଭୟ କୁମାର ଦାସ। ସମ୍ମାନିତ ଅତିଥି ରୂପେ ଭାଷା, ସଂସ୍କୃତି ପଣ୍ଡିତ ଯୁଧିଷ୍ଠିର ପଣ୍ଡା, ଜୟୀରାମ ଜେନା ଓ ମୁଖ୍ୟ ବକ୍ତା ରୂପେ ସାହିତ୍ୟ ବିଶାରଦ ଜ୍ଞାନରଞ୍ଜନ ଜେନା ଯୋଗଦେଇ ଭାଷା, ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ପାରସ୍ପରିକ ସମ୍ବନ୍ଧ ଓ ବିଶ୍ୱବ୍ୟାପକ ସମନ୍ୱୟ ଚେତନା ଉପରେ ଉପାଦେୟ ତଥ୍ୟ







ଓଡିଆ ଭାଷା ପ୍ରତି ଅବଦାନ ଓ ଉତ୍କଳୀୟ ସଂସ୍କୃତିର ଶ୍ରେଷ୍ଠତା ସମ୍ବନ୍ଧରେ ସ୍ମୃତିଚାରଣ କରାଯାଇଥିଲା। ଓଡିଶା ସରକାରଙ୍କ ପକ୍ଷରୁ ଆଜି ପାଳନ କରାଯାଇଥିବା ପ୍ରଥମ ବିଶ୍ୱ ଓଡିଆ ସାହିତ୍ୟ ସମ୍ମିଳନୀର ଉଦ୍ଦେଶ୍ୟ ଓ ଏହାର ସଫଳତା କିପରି ଓଡିଆ ଭାଷାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ପହଞ୍ଚାଇ ପାରିବ ତାହା ଛାତ୍ରଛାତ୍ରୀଙ୍କୁ ଅଧ୍ୟାପକ, ଅଧ୍ୟାପିକାମାନେ ବୁଝାଇଥିଲେ।

**ଆରଡ଼ି:** ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଓ ଓଳଗ ପଞ୍ଚାୟତ କାର୍ଯ୍ୟାଳୟ ସହ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଏହା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ପହଣା କ୍ଲଷ୍ଟର ଅଧୀନ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀ ଶ୍ରେୟସୀ ଦାଶ ବୃତ୍ତି ପରୀକ୍ଷାରେ ବ୍ଲକର ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁଷ୍ପଗୁଚ୍ଛ ଓ ସିଲ୍ ପ୍ରଦାନ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆରଡ଼ି ସରପଞ୍ଚ ଶ୍ରଦ୍ଧାଞ୍ଜଳି ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇନ୍ଦ୍ରଜିତ ମହାନ୍ତି, ବାଡୋଳ ବିଏସ୍‌ଏସ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ ନାୟକ, ଆଶୀଷ ପାଢୀ, ଜୀବନାନନ୍ଦ ପାଢୀ, ବାଲାଜୀ ଶଙ୍କର ପାଢୀ, ଲଲାଟକେଶରୀ ପାଢୀ ପ୍ରମୁଖ ଯୋଗଦେଇଥିବା ବେଳେ ଓଳଗ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସୁନ୍ଦରପୁର ପଞ୍ଚାୟତର ଅଭିଭମନ୍ୟୁ ଜେନା, ନାନ୍ଦପୁର ପଞ୍ଚୟତର ସରଳା ବିଶ୍ୱାଳ, ପ୍ରାକ୍ତନ

ଚରଣ ପଣ୍ଡା, କାନ୍ତ ସାହିତ୍ୟ ସଂସଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ 'ବନ୍ଦେ ଉତ୍କଳ ଜନନୀ' ଗାନ ସହ ଲେଖକ, ସାହିତ୍ୟିକ, କବି, ଶିକ୍ଷାବିତ ଓ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ରଜତ ପଣ୍ଡା, ପ୍ରଦୀପ ମହାପାତ୍ର, ସୁଧାକର ଦାଶ, ସେଖ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, କୃଷ୍ଣଚନ୍ଦ୍ର ଜେନା, ସରୋଜ ସେଠୀ, ପ୍ରତାପ ଆନ୍ଦିଆଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ କଳାକାର କାଳନ୍ଦୀ ମଲ୍ଲିକଙ୍କ ସଞ୍ଚାଳନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସାହିତ୍ୟିକ ଅଜୟ କୁମାର ସାମଲ, ବିଶ୍ୱନାଥ ବେହେରା, ଏବିଓ ମନୋଜ ଜେନା, କବି ସଂଯୁକ୍ତା ସାହୁ, ରେବତୀ ଷଡଙ୍ଗୀ, କଳ୍ପନା ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଅଧିକାରିଣୀ ଶର୍ମିଷ୍ଠା ମଲ୍ଲିକ, ମୁଖ୍ୟ କିରାଣି ପୂର୍ଣ୍ଣଚନ୍ଦ୍ର ପୁହାଣ, କନିଷ୍ଠ କିରାଣି ଅରୁଣ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଆଗରପଡ଼ା:** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଏସଏମସି କର୍ମକର୍ତ୍ତାମାନେ ମିଳିତ ଭାବେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଲିଖିତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବିପିନ ବିହାରୀ ପାଢୀ, ଏସଏମସି ସଭାପତି ବର୍ଷାରାଣୀ ମଲ୍ଲିକ, ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ, ବରିଷ୍ଠ ଶିକ୍ଷକ ଅଜିତ ରାଉଳ, ଭୀମସେନ ପାଲ, କୈଳାସ ପଣ୍ଡା, ସାଗରିକା ମହାନ୍ତି, ବନଜିନୀ ନାୟକ, ପ୍ରମୋଦିନୀ ସାହୁ,

ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗାନ୍ଧାରୀମଣି ନାୟକଙ୍କ ପୌରୋହିତ୍ୟରେରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଲୁମିନ କମିଟିର ସଭାପତି ଗଣେଶ ପ୍ରସାଦ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମଲ୍ଲିକ, ଆଲୁମିନି କମିଟିର ସଭ୍ୟ ବାସୁଦେବ ସେଠୀ, ପରିଚାଳନା କମିଟିର ସଭ୍ୟ ସଭ୍ୟା ତଥା ଅଭିଭାବକ, ଅଭିଭାବକ ମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ଗିରିଧାରୀ ଚାନ୍ଦ ସଭାକାର୍ଯ୍ୟକୁ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ମାନସ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ସୁବାସ ମହାଳିକ ଓ ସେକ ବବିସାର ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ତିହିଡି ବ୍ଲକ ଅଧୀନସ୍ଥ ତାଳପଦା ପଞ୍ଚାୟତ ମନମୋହନ ସହଯୋଗ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଦ୍ୟାଳୟ ସମ୍ପାଦକ କ୍ଷେତ୍ରମୋହନ ମହାପାତ୍ର, ସଭାପତି ବାଣୀକଲ୍ୟାଣ ମହାପାତ୍ର ସାହୁ ତଥା ପରିଚାଳନା କମିଟି ସଦସ୍ୟ ନବଘନ ସାହୁ ଓ କରୁଣାକର ଜେନା ପ୍ରମୁଖ ଉପସ୍ଥିତ ରହି ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ପରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କ ପ୍ରସ୍ତୁତି, ଅଗ୍ରଗତି ନେଇ ସଭାପତି ଓ ସମ୍ପାଦକ ପ୍ରଧାନ ଶିକ୍ଷକ ତଥା ସହାକାରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।

**ମଞ୍ଜୁରୀରୋଡ଼:** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ଆଜି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା

ସରପଞ୍ଚ ରମେଶ ଜେନାଙ୍କ ସଂଯୋଜନାରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାଛଡା ଅନ୍ୟାନ୍ୟ ପଞ୍ଚାୟତ ଗୁଡିକରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ଅସୁରାଳି:** ଗୋବିନ୍ଦପୁର ପଞ୍ଚାୟତରେ ସରପଞ୍ଚ ସୁବାସଚନ୍ଦ୍ର ମହାକୁଡଙ୍କ ସଭାପତିତ୍ୱରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସମିତିସଭ୍ୟ ଲକ୍ଷ୍ମୀପ୍ରିୟା ପତି, ପଞ୍ଚାୟତ ପିଇଓ ରଘୁନାଥ ମାଝୀ, ଜିଆରଏସ ସଦାଶିବ ପ୍ରଧାନ ପ୍ରମୁଖ ଉପସ୍ଥିତ

ଓ ବକ୍ତବ୍ୟମାନ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡ଼ାଲ ଅଫିସର ଅଧ୍ୟାପକ ଅଶ୍ୱିନୀ କୁମାର ପୁହାଣ ପରିଚାଳନା କରିଥିଲେ। ଏଥିରେ ସହଯୋଗ କରିଥିଲେ ଅଧ୍ୟାପକ ଘନଶ୍ୟାମ ସାହୁ, ରମେଶ ଚନ୍ଦ୍ର ଖୁଣ୍ଟିଆ, ପ୍ରତିଜ୍ଞା ପଣ୍ଡା, ବଙ୍କିମ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ପ୍ରଧାନ, ଭରତ ଚନ୍ଦ୍ର ଜେନା। କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗୀ ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପ୍ରତିଜ୍ଞା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



ଭଦ୍ରକ,୩।୨(ସମିସ)

ଭଦ୍ରକ ବ୍ଲକ ଅଧିନ ବହୁ ଦରଡ଼ା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଏକ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମାନସ ସାମଲ, ଶ୍ରୀରାମ ସମବାୟ ସମିତି ସଭାପତି ପ୍ରଭାତ ପଣ୍ଡା, ପୂର୍ବତନ ସରପଞ୍ଚ ଭାଗୀରଥି ଜେନା, ପଞ୍ଚାୟତ ଯୁବ ସଭାପତି ଦୀପକ ଜେନା ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳର ସାମଗ୍ରୀକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କିପରି ଯୋଜନା ପରେ କରି ଚାଲିଛନ୍ତି ସେ ବିଷୟର କହିଥିଲେ। ଏହି ଶିବିରରେ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣ କାରି ଯୋଜନା ସମ୍ପର୍କରେ ଉପସ୍ଥିତ ମହିଳା ଯୁବକ ଓ କୃଷକ ମାନଙ୍କୁ ସଚେତନତା କରାଯାଇଥିଲା। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ ନିଜ ହାତ ତିଆରି ସାମଗ୍ରୀକୁ ପଦର୍ଶିତ କରିଥିଲେ। ଏହି ଅବସରରେ ଗୋଟିଏ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୧୦ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରି ଚେକ ପ୍ରଦାନ କରାଯାଇଥିଲା। ଏହି ସଚେତନତା ଶିବିର ରେ ବହୁଦରଡ଼ା ପଂଚାୟତ ଶହ ଶହ ମହିଳା ମାନେ ଯୋଗଦେଇ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାରିବେଷିତ ହୋଇଥିଲା।



**ଧାମନଗର:** ଧାମନଗର ଏନ୍‌ଏସି ଅଧୀନ ୪ ଓ ୬ ନମ୍ବର ୱାର୍ଡରେ ସଚେତନତା କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରକାରଙ୍କ ବିଭିନ୍ନ ସହର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆମ ଓଡିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ,ବରେଣ୍ୟ ଅତିଥି ଭାବେ ଅଧ୍ୟକ୍ଷା ନିବେଦିତା ଜେନା,ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ଜୟନୁଲ ହକ୍,କାଉନସିଲର ପ୍ରତିନିଧି କୃଷ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ସହରାଞ୍ଚଳରେ ବିଭିନ୍ନ ଯୋଜନା ସହିତ ସାମୁହିକ ବିକାଶ ପାଇଁ ଦୃଢ ପଦକ୍ଷେପ ଗ୍ରହଣ କରି ଅର୍ଥ ବ୍ୟୟବରାଦ କରିଛନ୍ତି। ତେଣୁ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଅଧ୍ୟକ୍ଷା ଶ୍ରୀମତୀ ଜେନା ଆହ୍ୱାନ ଦେଇଥିଲେ। ଏହି ଅବସରରେ ଧାମନଗର ଏନଏସିରବିକାଶ ମୂଳକ କାର୍ଯ୍ୟର ଏକ ପୁସ୍ତିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି ଧନ୍ୟବାଦ ଅର୍ପଣ କରିଥିଲେ।




## ୬ରୁ ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବ

# ରାମଚନ୍ଦ୍ର ଦାସମହାପାତ୍ରଙ୍କୁ ସନ୍ଥ ଅରକ୍ଷିତ ଓ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ମା’ ଓଳାଶୁଣୀ ସମ୍ମାନ

ବାଲିଚନ୍ଦ୍ରପୁର, ୩।୨(ସମିସ)

ଚଳିତ ମାସ ୬ ତାରିଖରେ ଏକାଦଶତମ ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବ ଆରମ୍ଭ ହେବ। ମାଘ କୃଷ୍ଣ ଏକାଦଶୀ ତିଥି ତଥା ମହାପୁରୁଷ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସରେ ପ୍ରତିବର୍ଷ ଓଳାଶୁଣୀ ପୀଠ ବଡ଼ଦାଣ୍ଡସ୍ଥ ଅନନ୍ତ ଗୁମ୍ଫାରେ ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବରେ ଶ୍ରୀମନ୍ଦିରରେ ମା’ ସୁଭଦ୍ରାଙ୍କ ମୁଖ୍ୟ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ରଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ ଓ ବିଶିଷ୍ଟ ଭାଷାବିଜ୍ଞାନୀ ତଥା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସଦସ୍ୟ ପଦ୍ମଶ୍ରୀ ଡଃ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ମା’ ଓଳାଶୁଣୀ ସମ୍ମାନରେ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି।





ଆସନ୍ତା ୬ ତାରିଖ ମଧ୍ୟାହ୍ନ ୧୧ ଘଟିକାରେ ମା’ ଓଳାଶୁଣୀଙ୍କ ପୀଠରୁ ସନ୍ଥ ସମାଧି ଦର୍ଶନ ସହିତ ମହୋତ୍ସବ ସ୍ଥଳ ପର୍ଯ୍ୟନ୍ତ ଆଜ୍ଞାମାଳ ଯାତ୍ରା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସାଧୁସନ୍ଥଙ୍କୁ ସମ୍ମାନିତ କରାଯିବ। ସନ୍ଧ୍ୟା ୫ ଘଟିକା ସମୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟକ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ ମୁଖ୍ୟଅତିଥି, ମା’ ବିରଜା ସଂସ୍କୃତି ଗବେଷକ ଡଃ ଜ୍ଞାନରଞ୍ଜନ ପତି ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏ ଅବସରରେ ‘ଓଳାଶୁଣୀ’ର ଏକ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହେବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ସାମଲ, ଉମେଶ ଚନ୍ଦ୍ର ସାମଲ, ଶ୍ରୀକାନ୍ତ କୁମାର ସାମଲ, ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଓ ସରସ୍ୱତୀ ବେହେରା ପ୍ରମୁଖ ନିବେଦନ କରିଛନ୍ତି।

## ● ମହିଳାଙ୍କଠୁ ମୋବାଇଲ ଲୁଟ୍

# ବାଇକ୍ ଛାଡ଼ି ମୋବାଇଲ ନେଇ ପଳାଇଲେ ଦୁର୍ବୃତ୍ତ

**ଧର୍ମଶାଳା, ୩।୨(ସମିସ):** ଧର୍ମଶାଳା ଥାନା ୫୩ନଂ ଜାତୀୟ ରାଜପଥର ସୁଭଦ୍ରାପୁର ନିକଟରୁ ବାଇକ୍‌ରେ ଯାଉଥିବା ମହିଳାଙ୍କଠାରୁ ୨ ଲୁଟେରା ମୋବାଇଲ ଫୋନ ଛଡାଇ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ତେବେ ଏହି ସମୟରେ ପାଟିଶୁଣି ଲେଟେରାଙ୍କୁ ଅନ୍ୟମାନେ ଅଟକାଇବା ସମୟରେ ସେମାନେ ବାଇକ୍ ଛାଡ଼ି ଫେରାର ହୋଇଯାଇଛନ୍ତି। କୁଆଖିଆ ଥାନା ପାରିକାଇଁଚି ଗ୍ରାମର ମଳିକା ସାମଲ (୪୪) ନିଜ ଭିଣୋଇଙ୍କ ସହ ବାଇକରେ ମହାବିନାୟକ ମନ୍ଦିର ବୁଲି ଆସି ଘରକୁ ଫେରୁଥିବା ସମୟରେ ଦିନ ପ୍ରାୟ ୨ଟା ସମୟରେ ଦୁଇଜଣ ଲୁଟେରା ବାଇକ୍‌ରେ ପିଛା କରି ମହିଳାଙ୍କ ହାତରୁ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହି ସମୟରେ ମହିଳା ଜଣକ ପାଟି କରିବାରୁ ରାସ୍ତାରେ ଯାଉଥିବା ଲୋକେ ଲୁଟେରାଙ୍କ ପିଛା କରି ଅଟକାଇବା ପରେ ସେମାନେ ବାଇକ୍ ଛାଡ଼ି ପଳାଇଯାଇଥିଲେ। ଏ ନେଇ ମଳିକା ସାମଲ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଲୁଟେରା ଛାଡ଼ି ଚାଲିଯାଇଥିବା ବାଇକ୍‌କୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ପାଣିକୋଇଲି, ୩।୨(ସମିସ):** ଯୁବତୀଙ୍କୁ ଭଲ ପାଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ଦ୍ୱାରା ପ୍ରେମିକା ୯ ମାସର ଗର୍ଭବତୀ ହେବା ପରେ ଏବେ ପ୍ରେମିକ ବିବାହକୁ ପ୍ରତ୍ୟାଖାନ କରିଛନ୍ତି। ଶେଷରେ ଯୁବତୀ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ମାମଲା ରୁଜୁ କରି ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଣିପୁର ଗ୍ରାମର ସୁଦର୍ଶନ ମଳିକଙ୍କ ପୁଅ ଦୀପକ ମଳିକ ଓରଫ ଶିବା ୨ ବର୍ଷ ହେବ ଯୁବତୀଙ୍କୁ ପ୍ରେମ ବିବାହ କରିବା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ଫଳରେ ଯୁବତୀ ୯ ମାସର ଗର୍ଭବତୀ ହୋଇଛନ୍ତି। ଦୀପକ ଏବେ ବିବାହ କରିବାକୁ ମନା କରିବା ସହ ଅନ୍ୟତ୍ର ବିବାହ କରିବା ନିଷ୍ପତ୍ତି ତା’ର ପରିବାର ପକ୍ଷରୁ ନିଆଯାଇଛି। ଯୁବତୀ ଜଣକ ପରିବାରକୁ ଜଣାଇ ନିରାଶ ହେବା ପରେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ୭୧/୨୪ରେ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଆଜି ଦୀପକକୁ ପାଣିକୋଇଲି ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କବାଟବନ୍ଧ, ୩।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବାରକଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦୋରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାଲିକୁଦିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସ ଓ ସମ୍ମାନିତ ଅତିଥି ଭାବେ ନିଖିଳ ନାରାୟଣ ଦେ, ପ୍ରକାଶ ଚନ୍ଦ୍ର ନାୟକ, ସୌରଭ ପଟ୍ଟନାୟକ, ଅକ୍ଷୟ କୁମାର ମଲ୍ଲ, ରଘୁନାଥ ସାହୁ, ରଶ୍ମିତା ପରିଡ଼ା, ରୀନାରାଣୀ ଜେନା ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଟକୃଷ୍ଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଓଡ଼ିଆ ଜନମାନସରେ ଶ୍ରୀଜଗନ୍ନାଥ’ ଆଲୋଚନାଚକ୍ର

**ସୁକିନ୍ଦା, ୩।୨(ସମିସ):** ନୂଆ ଓଡ଼ିଶା କାର୍ଯ୍ୟକ୍ରମ ପକ୍ଷରୁ ଡୁବୁରୀସ୍ଥ କପିଳେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ‘ଓଡ଼ିଆ ଜନମାନସରେ ଶ୍ରୀଜଗନ୍ନାଥ‘ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯତୀନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଆନନ୍ଦପୁର ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାମଲ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ମତବ୍ୟକ୍ତ କରିଥିଲେ। ନୋଡାଲ ଅଫିସର ଭାବେ ଭୈରବ ଚରଣ ଜେନା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



# ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**କବାଟବନ୍ଧ, ୩।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦପାତ୍ର ଡ଼ିଗ୍ରୀ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଶ୍ୱ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଶ୍ରୀମତୀ କବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଧୁ ଗୌଡେଶ୍ୱର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଦେବୀ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦାମୋଦର ବେହେରା, ଧର୍ମଶାଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡଃ ଅଭିନ୍ନ ଚନ୍ଦ୍ର ଦାସ, ଧର୍ମଶାଳା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ ଇନ୍ଦୁପ୍ରଭା ସାମଲ, ପୂର୍ବତନ ପରିଚାଳନା ସଭାପତି କୃଷ୍ଣଚନ୍ଦ୍ର ସାହୁ ଓ ବର୍ତ୍ତମାନର ସଭାପତି ଉତ୍କଳମଣି ଦାସ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଗୁରୁତ୍ୱ ପ୍ରଚାର ପ୍ରସାର ଓ ଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟାପକ ଡଃ ଶୁଭ୍ରାଂଶୁ ଶେଖର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧ୍ୟାପକ ସଂଗ୍ରାମଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**କର୍ଯ୍ୟାଁଗୋଲା, ୩।୨ (ସମିସ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ବିରିପଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଶରତ କୁମାର ପରିଡ଼ାଙ୍କ ସଭାପତିତତ୍ୱ ଅନୁଷ୍ଠିତ ସଭାରେ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ବିତରଣ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ରାମମୋହନ ଦେବତା ଓ ନରେନ୍ଦ୍ର କୁମାର ଶତପଥୀ ସରକାରଙ୍କ ଏଭଳି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଆତ୍ମରକ୍ଷା ଶିବିର ମାଧ୍ୟମରେ ଦିଆଯାଇଥିବା ତାଲିମ କିପରି ଛାତ୍ରୀଙ୍କ ପାଇଁ ସହାୟକ ହେବ, ତାହା ଉପରେ ଆଲୋକପାତ କରିଥିଲେ। ଶିବିର ସଂଯୋଜକ ଅଧ୍ୟାପକ ପ୍ରକାଶ କୁମାର ଧଳ, ପ୍ରଶିକ୍ଷକ ସାନୁଲତା ରାଉତ, ଅଧ୍ୟାପକ ପ୍ରଶାନ୍ତ କୁମାର ନନ୍ଦ, ପ୍ରତାପ କୁମାର ତ୍ରିପାଠୀ, ଶଶୀଭୂଷଣ ମହାଲିକ, ତୁଷାର ରଞ୍ଜନ ସାମଲ, ଅଧ୍ୟାପିକା କ୍ରାନ୍ତିଲତା ତ୍ରିପାଠୀ ଓ କଲେଜର ଅନ୍ୟାନ୍ୟ କର୍ମଚାରୀ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବାପୁଜୀ ଯୁବକ ସଂଘ କ୍ରୀଡ଼ା ଉଦ୍‌ଘାଟିତ

**ଟମକା, ୩।୨(ସମିସ):** ବଣସାହି ବାପୁଜୀ ଯୁବକ ସଂଘ ପକ୍ଷରୁ ୧୭ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଯୁବନେତା ସୌମ୍ୟରଂଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି କ୍ରୀଡ଼ା ଉତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅବତାର ଅଲ୍ଲୀ ଓ ଅନୀଲ କୁମାର ଦାସ ଯୋଗ ଦେଇଥିଲେ। ଚାରିଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ୩୨ଟି ଫୁଟବଲ ଦଳ ଭାଗ ନେଇଥିବାବେଳେ ବିଭିନ୍ନ ଶାରୀରିକ କ୍ରୀଡ଼ା, ଫ୍ୟାନ୍ସି ଡ୍ରେସ୍, ନାଚଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସଂଘର ବରିଷ୍ଠ ଉପଦେଷ୍ଟା ପ୍ରଭାକର ମହାନ୍ତ, ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ମହାନ୍ତଙ୍କ ସମେତ ସଭାପତି ଦିଲ୍ଲୀପ ମହାନ୍ତ, ସମ୍ପାଦକ ନାରାୟଣ ମହାନ୍ତ, ବିଦ୍ୟାଧର ମହାନ୍ତ, କ୍ଷୀରୋଦ ମହାନ୍ତ, ଜଗବନ୍ଧୁ ମହାନ୍ତ, ସନାତନ ମହାନ୍ତ, ବିଭୂତି ମହାନ୍ତ, ଶ୍ରୀଧର ମହାନ୍ତ, ଧ୍ରୁବ ମହାନ୍ତ ଓ ଗିରିଧାରୀ ମହାନ୍ତ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।



# ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ବିୟୋଗ

**ବଡ଼ଚଣା, ୩।୨(ସମିସ):** ଚଣ୍ଡିଖୋଲ ସନ୍ନିକଟ ସିପୁରା ଗ୍ରାମର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ପୀତାମ୍ବର ରାଉତରାୟ (୮୪)ଙ୍କ ଆଜି ନିଜ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ରାଉତରାୟ ପୁଲିସ ଚାକିରିରୁ ଅବସର ନେବା ପରେ ସମାଜ ସେବାରେ ନିଜକୁ ନିୟୋଜିତ କରି ବହୁ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଂଗଠନରେ ନିୟୋଜିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ନରେନ୍ଦ୍ର, ପୁତ୍ର ଅମୀୟ, ଅମରେନ୍ଦ୍ରଙ୍କ ସମେତ ପୁତ୍ରବଧୂ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ।

# ଶାନ୍ତିପୁର ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଡ଼ଚଣା, ୩।୨(ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ଶାନ୍ତିପୁର ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର କବି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିଶୁ ସୌରଭ ସମ୍ପାଦକ ଅଭିମନ୍ୟୁ ଧଳ, ମୁଖ୍ୟବକ୍ତା ଭାବେ ସରପଞ୍ଚ ମୀନକେତନ ସେଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀ, ସିଆରସି ଶ୍ରୀମତୀ ଦୀପ୍ତି ମିଶ୍ର, ଶରତ ଚନ୍ଦ୍ର ସେଠୀ, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଶୁଭ୍ରଜିତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବିଦ୍ୟୁତଲତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ଲକ୍ଷ୍ମୀପ୍ରିୟ ମିଶ୍ର, ଶିଶିର କୁମାର ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ରାମକୋ କମ୍ପାନୀ କର୍ମଚାରୀଙ୍କୁ ହତ୍ୟା ଧମକ, ମୁଖ୍ୟ ଅଭିଯୁକ୍ତ ଅଟକ

**ଧର୍ମଶାଳା, ୩।୨(ସମିସ):** ଧର୍ମଶାଳା ଥାନା ହରିଦାସପୁରସ୍ଥ ରାମକୋ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ପଶି ପୁସ୍ତଲ ଦେଖାଇ ମାରିଦେବା ଧମକ ଦେବା ଓ କଂପ୍ୟୁଟର ଉଠାଇ ନେବା ଅଭିଯୋଗରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗିରଫ ଜଣକ ହେଲେ ଥାନୁଆଳ ପଞ୍ଚାୟତ ମୁରାରୀପୁର ଗ୍ରାମର ବିଜୟ କୁମାର ପଣ୍ଡା ଓରଫ ଗୁନ। ସୂଚନା ମୁତାବକ, ଗତ ୧ ତାରିଖ ମଧ୍ୟାହ୍ନରେ ଏକ ବାଇକରେ ରାମକୋ ସିମେଣ୍ଟ କାରଖାନାକୁ ପ୍ରବେଶ କରିଥିଲେ ଗୁନ। କମ୍ପାନୀର ଏକାଉଣ୍ଟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ହଠାତ୍ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କୁ ମାରିଦେବାକୁ ଧମକ ଦେବା ସହିତ କଂପ୍ୟୁଟର ଉଠାଇ ନେଇଥିଲେ। ଏ ନେଇ ସିମେଣ୍ଟ କମ୍ପାନୀ ପକ୍ଷରୁ ଡିଜିଏମ୍ (ସୁରକ୍ଷା ବିଭାଗ) ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ପୁଲିସ ଆତ୍ମଗୋପନ କରିଥିବା ବିଜୟକୁ ସନ୍ଧ୍ୟାରେ ଥାନାକୁ ଉଠାଇ ଆଣିଥିବା ଜଣାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରିବାରୁ ତାଙ୍କୁ ଅଟକ ରଖି ପଚରାଉଚରା କରୁଥିବା କହିଛନ୍ତି।

# ଦୁର୍ଘଟଣାରେ ୧ ମୃତ, ୧ ଗୁରୁତର

**ବ୍ୟାସନଗର/ଦାନଗଦି, ୩।୨(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଫାୟାର ଷ୍ଟେସନ ନୂଆ ବାଇପାସ୍ ରାସ୍ତାରେ ଶନିବାର ଅପରାହ୍ନ ପ୍ରାୟ ୨.୩୦ ମିନିଟ୍ ସମୟରେ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଞ୍ଚଳର ଚଗଲି ଦେହୁରୀ (୩୨), ସୁବାସ ଦେହୁରୀ (୩୦) ଓ ଗୟାଧର ଦେହୁରୀ ଗୋଟିଏ ବାଇକ୍‌ରେ ନୂଆଗଡ଼ ଫାୟାର ଷ୍ଟେସନ ଛକରୁ ମିଲିଟାରୀ ଛକ ଆଡ଼କୁ ତାଙ୍କର ଜଣେ ବନ୍ଧୁଙ୍କ ଘରକୁ ଯାଉଥିଲେ। ଏହି ରାସ୍ତାର ଗଣ୍ଡା ନାଳ ବ୍ରିଜ ଉପରେ ସେମାନେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଗାଡ଼ି ଚାଳକ ଚଗଲି ଦେହୁରୀ ମୃତ୍ୟୁବରଣ କରିଥିବାବେଳେ ସୁବାସ ଦେହୁରୀ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ଯାଜପୁର ଟାଉନ, ୩।୨ (ସମିସ):** ଯାଜପୁର ବିରଜା ରିଂ-ରୋଡ଼ ବୁଦ୍ଧମୂର୍ତ୍ତି ନିକଟ ମାର୍କେଟ୍ ଗଡ୍ଡାରୁ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଯାଜପୁର ସହର ବଡ଼ବଜାର ଗ୍ରାମର ରାମେଶ୍ୱର ସାହୁ ଓ ତାଙ୍କ ଧର୍ମପତ୍ନୀ ଆଶାଲତା ସାହୁ ପରିବା ମାର୍କେଟରୁ ପରିବା କିଣି ଆସୁଥିବାବେଳେ ବିପରୀତ ଦିଗରୁ ୨ଜଣ ବାଇକ ଆରୋହୀ ଏକ ପଲ୍‌ସର ବାଇକରେ ହେଲମେଟ ପିନ୍ଧି ମହିଳାଙ୍କ ବେକରୁ ସୁନା ଚେନ୍‌କୁ ଝାମ୍ପିନେଇ ଦ୍ରୁତ ଗତିରେ ପଳାଇଥିଲେ। ଏହି ଗାଡ଼ିର ପିଛା କରିବାକୁ ଚାହିଁଥିଲେ ମଧ୍ୟ ଦ୍ରୁତ ଗତିରେ ସହର ଦେଇ ଦୁର୍ବୃତ୍ତ ପଳାଇ ଯାଇଥିଲେ। ଏ ନେଇ ଯାଜପୁର ଟାଉନ ଥାନାରେ ଅଭିଯୋଗ କରାଯାଇଛି।

## ● ଚେକ୍ ବାଉନ୍ସ ଅଭିଯୋଗ

# ଅଭିଯୁକ୍ତଙ୍କୁ ବର୍ଷେ ଜେଲ୍ ଓ ୪ ଲକ୍ଷ ଜରିମାନା

**ଯାଜପୁର, ୩।୨ (ସମିସ):** ଯାଜପୁର ସହର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୁଅ ସଞ୍ଜୟ କୁମାର ସାହୁ ଭାଟସାହି ଗ୍ରାମର ଅଶୋକ କୁମାର ସିଂଙ୍କଠାରୁ ୨୦୧୭ ଅଗଷ୍ଟ ୨୪ ତାରିଖରେ ୨ ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବା ସମୟରେ ଠିକଣା ସମୟରେ ପରିଶୋଧ ନେଇ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ ଚେକ୍ ପ୍ରଦାନ କରିଥିଲେ। ବାରମ୍ବାର ଅର୍ଥ ମାଗିବା ସତ୍ତ୍ୱେ ସଞ୍ଜୟ ସାହୁ ଅର୍ଥ ନ ଫେରାଇ ଦିନ ଗଡ଼ାଇ ଚାଲିଥିଲେ। ଅଶୋକ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଚେକ୍‌ଟି ଦାଖଲ କରିଥିଲେ। ବ୍ୟାଙ୍କରେ ଅଭିଯୁକ୍ତଙ୍କ ପର୍ଯ୍ୟାପ୍ତ ଅର୍ଥ ନ ଥିବାରୁ ଚେକ୍‌ଟି ବ୍ୟାଙ୍କ ଦ୍ୱାରା ବାଉନ୍ସ ହୋଇଥିଲା। ଏ ନେଇ ଅଭିଯୋଗକାରୀ ଅଶୋକ କୁମାର ସିଂ ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା (ୱାନ୍ ସିସି) କେଶନଂ ୩୫୬/୧୭ ଚେକ୍ ବାଉନ୍ସ ଦଫାରେ ମାମଲା ରୁଜୁ ହେବା ସହ ବିଚାର କରାଯାଇଥିଲା। ଏହି ମାମଲାକୁ ଗତ ୨୫ ତାରିଖ ଦିନ ଏସ୍‌ଡିଜେଏମ୍ ଇପ୍ସିତା ନନ୍ଦ ବିଚାର କରି ଚେକ୍ ବାଉନ୍ସ ଅଭିଯୋଗରେ ଅଭିଯୁକ୍ତ ସଞ୍ଜୟ କୁମାର ସାହୁକୁ ଏକ ବର୍ଷ ଜେଲ୍ ଦଣ୍ଡାଦେଶ କରିବା ସହ ୪ ଲକ୍ଷ ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ଅଭିଯୋଗକାରୀ ପକ୍ଷରୁ ଆଇନଜୀବୀ ରାକେଶ କୁମାର ମିଶ୍ର ପରିଚାଳନା କରିଥିଲେ।

# ପୂର୍ବତନ ସରପଞ୍ଚ ପଦ୍ମନାଭ ବାଭିଙ୍କ ଶ୍ରଦ୍ଧାଞ୍ଜଳି ସଭା

**ହରିପୁର, ୩।୨ (ସମିସ):** ରସୁଲପୁର ବ୍ଲକ ବାହାଦଲାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମନାଭ ବାଭିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଗୋପୀନାଥ ପତିଙ୍କ ଅଧ୍ୟକ୍ଷତାରେ ଗରିପୁରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, କଂଗ୍ରେସର ବରିଷ୍ଠ ମହିଳା ନେତ୍ରୀ ବନ୍ଦିତା ପରିଡ଼ା, ରସୁଲପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶଶୀଭୂଷଣ ସାହୁ, ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା, ଧର୍ମଶାଳା ବରିଷ୍ଠ ବିଜେପି ନେତା କାହ୍ନୁଚରଣ ଦାଶ, କୁଆଖିଆ ବିଦ୍ୟୁତ୍ ଉପଭୋକ୍ତା କମିଟି ସଭାପତି ପ୍ରହଲ୍ଲାଦ ପଣ୍ଡା, କୃଷକ ନେତା ବସନ୍ତ କୁମାର ପରିଡ଼ା, ସାମ୍ବାଦିକ ଅମୂଲ୍ୟ କୁମାର ବରାଳ ପ୍ରମୁଖ ଯୋଗଦେଇ ପଦ୍ମନାଭ ବାଭିଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ବ୍ଲକ କଂଗ୍ରେସ ସଭାପତି ସରପଞ୍ଚ ମିହିର କୁମାର ମିଶ୍ର, ଶିକ୍ଷାବିତ୍ ବୈଦେହନାଥ ସାହୁ, ସାମ୍ବାଦିକ କୈଳାସ ଚନ୍ଦ୍ର ମଲିକ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବଟକୃଷ୍ଣ ସାହୁ, ଯୁଗଜ୍ୟୋତି ପ୍ରତିଷ୍ଠାତା ବିଜୟ କୁମାର ଦାଶ, ପୂର୍ବତନ ସରପଞ୍ଚ ଗଦାଧର ଦାଶ, ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା କମିଟି ସଭାପତି ନାରାୟଣ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ସ୍ୱର୍ଗତ ବାଭିଙ୍କ ନାମରେ ଏକ ସ୍ମୃତି କମିଟି ଗଠନ କରିବା ସହିତ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା।

# ଟାଟା ପାୱାର ପକ୍ଷରୁ ଚକ୍ଷୁ ପରୀକ୍ଷା, ଡ୍ରାଇଭିଂ ପ୍ରଶିକ୍ଷଣ ଶିବିର

**କୁଆଖିଆ, ୩।୨ (ସମିସ):** ଟାଟା ପାୱାର କୁଆଖିଆ ଇଲେକ୍ଟ୍ରିକାଲ ଡିଭିଜନ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଟାଟା ପାୱାର କମ୍ପାନୀରେ କାର୍ଯ୍ୟରତ ଚାଳକଙ୍କୁ ଗାଡି ଚାଳନା ପ୍ରଶିକ୍ଷଣ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର କୁଆଖିଆସ୍ଥ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ ଆଲୋକ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ କମ୍ପାନୀର ଚାଳକଙ୍କୁ ଗାଡ଼ି ଚାଳନାର ଦକ୍ଷତା ପରୀକ୍ଷା କରାଯାଇଥିଲା। ଏଥିସହ ସେମାନଙ୍କ ଚାଳକ ସମ୍ପର୍କିତ ବିଭିନ୍ନ କାଗଜପତ୍ରକୁ ଯାଞ୍ଚ କରାଯାଇଥିଲା। ଉନ୍ନତମାନର ଗାଡ଼ି ଚାଳନା, ବେଗ ସମେତ ଗାଡ଼ି ସମ୍ବନ୍ଧୀୟ ଅନ୍ୟାନ୍ୟ ଦିଗରେ ସୂଚନା ପ୍ରଦାନ କରାଯାଇଥିଲା। ଏହାଛଡା ଚାଳକଙ୍କ ଚକ୍ଷୁ ପରୀକ୍ଷା ଶିବିରକୁ ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଟାଟା ପାୱାର କର୍ମଚାରୀ ଉପଖଣ୍ଡ ଅଧିକାରୀ ଇଂ ଶୀତାଂଶୁ ଶେଖର ଶତପଥୀ, ଇଂ ବିପ୍ରେଶ କୁମାର, ଇଂ ଭବାନୀ ଶଙ୍କର ରାୟ, ଚିତ୍ତରଞ୍ଜନ ଜେନା, ସୁରକ୍ଷା ଅଧିକାରୀ ବିକ୍ରମ ଗୌଡ, ସନ୍ତୋଷ କୁମାର ଅଗସ୍ତି, ସୁମନ ସ୍ୱାଗତିକା ଦାସ, ଦେବବ୍ରତ ପୃଷ୍ଟି, ବିଶ୍ୱଜିତ୍ ବେହେରା, କେଦାର ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୮୦ ହଜାର ଜରିମାନା

ଯାଜପୁର, ୩।୨ (ସମିସ)

ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରି ଗର୍ଭବତୀ କରିବା ମାମଲାରେ ଜିଲ୍ଲା ଅତିରିକ୍ତ ଦୌରା ଓ ପକ୍ସୋ ଜଜ୍ ଅଭିଜିତ ପଲେଇ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଦେବା ସହ ୮୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ରାୟ ଶୁଣାଇଛନ୍ତି।

ସୂଚନା ମୁତାବକ, ଯାଜପୁର ସଦର ଥାନା ସୁଜନପୁର ପଞ୍ଚାୟତ କାଶିପୁର ଗ୍ରାମର ଅଭିଯୁକ୍ତ ବ୍ରଜକିଶୋର ଜେନା(ଘୁଙ୍ଗୁର) ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା। ୨୦୨୨ ସେପ୍ଟେମ୍ବର ୫ ତାରିଖ ଦିନ ପରିବାର ଲୋକ ନାବାଳିକା ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ପରିବାର ଲୋକ ନାବାଳିକା ପୀଡ଼ିତାକୁ ଡିଏସ୍‌ଡବ୍ଲ୍ୟୁ ଓ ସିଡବ୍ଲ୍ୟୁସି ପାଖରେ ହଜାର କରିବା ପରେ ପୀଡ଼ିତାକୁ ସଖୀ କେନ୍ଦ୍ରରେ ରଖାଯାଇଥିଲା। ଏହି ସମୟରେ ପୀଡ଼ିତା ଜଣକ ଅଭିଯୁକ୍ତର ନାମ ପ୍ରକାଶ କରିଥିଲା। ୬ ମାସ ତଳେ ଅଭିଯୁକ୍ତ ବ୍ରଜକିଶୋର ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା ବୋଲି କହିଥିଲା। ଏ ନେଇ ଯାଜପୁର ସଦର ଥାନାରେ ନାବାଳିକାର ପିତା ୨୦୨୨ ସେପ୍ଟେମ୍ବର ୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏ ଅଭିଯୋଗକୁ ଭିତ୍ତି କରି ଯାଜପୁର ସଦର ଥାନାରେ ୨୪୪/୨୨ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲା ଦୌରା ଓ ପକ୍ସୋ ଜଜ୍ ଅଭିଜିତ ପଲେଇ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ସହ ୮୦ ହଜାର ଜରିମାନା କରି ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨୪ ମାସ କାରାଦଣ୍ଡ ରାୟରେ ପ୍ରକାଶ କରିଛନ୍ତି। ପୀଡ଼ିତାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ୭ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାମଲା ବିଚାରାଧୀନ ଥିବାବେଳେ ନାବାଳିକା ପୀଡ଼ିତା ଯାଜପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱଧାର ଗୃହରେ ରହୁଥିବା ସମୟରେ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ କୁମାର ମହାନ୍ତି ପରିଚାଳନା କରିଥିଲେ।



## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ

ପ୍ରୀତିପୁର, ୩।୨(ସମିସ)


ପ୍ରୀତିପୁର

ଓଡ଼ିଶାର ଇତିହାସ ଯେତିକି ପ୍ରାଚୀନ; ଓଡିଆ ଭାଷା ଓ ସାହିତ୍ୟ ତା'ଠୁ ଅଧିକ ମହାନ। ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ଓ ଏହାର ଭାଷା 'ଓଡ଼ିଆ' ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି। ଗୋଟିଏ ଜାତି ତା'ର ଭାଷାକୁ ନେଇ ଅନନ୍ତ କାଳ ପର୍ଯ୍ୟନ୍ତ ଦୀର୍ଘଜୀବୀ ହୋଇଥାଏ। ଭାଷା ବଞ୍ଚିଲେ ଜାତି ବଞ୍ଚିବ। ଭାଷାର ଅତୀତ ପୂର୍ବସୂରୀଙ୍କୁ ସାହିତ୍ୟର ପେଡ଼ି ପ୍ରଦାନ କରିଥାଏ। ଓଡ଼ିଆ ଭାଷାର ମଧୁରତା ଓ ଯାଦୁଗରି ସମଗ୍ର ବିଶ୍ୱବାସୀଙ୍କୁ ସୁସମ୍ପର୍କର ସୂତାରେ ବାନ୍ଧି ରଖିଛି। ଏହି ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଓଡ଼ିଶାର ବରପୁତ୍ର ଯେଉଁ ପ୍ରଚେଷ୍ଟା କରିଆସିଥିଲେ, ତାହାର ଫଳସ୍ୱରୁପ ଆଜି ଆମେ ପ୍ରଥମ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ କରିପାରୁଛେ ବୋଲି ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ବିଡିଓ ବୀରେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏ ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ କୈଳାସ ଚନ୍ଦ୍ର ସେଠୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନରୁଆସ୍ଥ ଭକ୍ତି ନିକେତନ ମଠର ଆଧ୍ୟାତ୍ମିକ ପତ୍ରିକା 'ଭକ୍ତିପ୍ରଭା'ର ସମ୍ପାଦକ ଭକ୍ତିରତ୍ନ ଅଭୟ ଗୋପୀ ବଲ୍ଲଭ ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟ ଉପରେ ବିଷେଶ ଭାବେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ସହାକାରୀ ଯନ୍ତ୍ରୀ ପ୍ରଶାନ୍ତ ଦାସ, ବ୍ଲକ କଷି ଅଧିକାରୀ ଜ୍ଞାନରଞ୍ଜନ ସାହୁ, ବିଏସଏସଓ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ସଭାରେ ବ୍ଲକର ସମସ୍ତ କର୍ମଚାରୀ ଓ ଅଧିକାରୀ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ଅଧିକ ସମୃଦ୍ଧ ଓ ଋଦ୍ଧିମନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ।

**ଗୋଳେଇପୁର ପଞ୍ଚାୟତ:** ପାଣିକୋଇଲି- ରାଜ୍ୟ ସରକାର ପ୍ରଥମଥର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଥିବାବେଳେ କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ଉକ୍ତ ସମ୍ମିଳନୀ ପାଳିତ ହୋଇଯାଇଛି। ସରପଞ୍ଚ ସସ୍ମିତା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଗୋଳେଇପୁର ପଞ୍ଚାୟତ ହାଇସ୍କୁଲର ସଂସ୍କୃତ ଶିକ୍ଷକ ଅକ୍ଷୟ କୁମାର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ପୂର୍ଣ୍ଣିମା ମାଝୀ, ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉଦୟନାଥ ମହାପାତ୍ର, ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁାମର ପଣ୍ଡା, ନାଏବ ସରପଞ୍ଚ ସେକ ହାସିମ, ଲକ୍ଷ୍ମୀଧର କରଣ, ପ୍ରଫୁଲ୍ଲ ମାଝୀ, ଶଶୀକାନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ସରସ୍ୱତୀ ଶିଶୁ ମନ୍ଦିରର ଆଚାର୍ଯ୍ୟ ଦୀପକ କୁମାର ବଳ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସସ୍ମିତା ମହାପାତ୍ର, ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ସ୍ୱୟଂଶ୍ରୀ ମହାପାତ୍ର, ଅର୍ଚ୍ଚିତା ସାମଲ, ସ୍ୱପ୍ନା ପ୍ରିୟଦର୍ଶିନୀ ସ୍ୱାଇଁ, ସିମରନ ମହାନ୍ତି ଓ ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ପୂଜାରାଣୀ ପଣ୍ଡା, ପୂଜାରାଣୀ ଦଳାଇଙ୍କୁ ପୁରସ୍କୃତ କରାଯାଇଥିଲା।

**ସିଂହପୁର:** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉପ୍ରା ବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଗଣେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ସରପଞ୍ଚ ଶଶାଙ୍କଶେଖର ଖିଲାର, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ବୈଷ୍ଣବ ଚରଣ ଜେନା, ବୀଣାପାଣି ଦାସ, ମନୋରଞ୍ଜନ ବେଉରିଆ, ସୁରେନ୍ଦ୍ର ନାୟକ, ଜ୍ଞାନେନ୍ଦ୍ର ବେଉରିଆ, ସତ୍ୟନାରାୟଣ ସାହୁ, ପୂର୍ଣ୍ଣିମା ଜେନା ପ୍ରମୁଖ ଯୋଗ ଦେଇଥିଲେ।

**ବ୍ରହ୍ମବରଦା:** ଭାଷା ମନୁଷ୍ୟର ପରିଚୟକୁ ବୁଝାଏ। ଭାଷା ହେଉଛି ସାହିତ୍ୟର ଗନ୍ତାଘର। ସାରା ରାଜ୍ୟରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ରସୁଲପୁର ବ୍ଲକ ଅର୍ନ୍ତଗତ ରାଉତରାପୁର ପଞ୍ଚାୟତସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଶିକ୍ଷାବିତ ଅନିରୁଦ୍ଧ ପୃଷ୍ଟିଙ୍କ ସଭାପତିତ୍ୱରେ ପଞ୍ଚାୟତ ସ୍ତରୀୟ ଭାଷା ହିଁ ଭବିଷ୍ୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଓଡ଼ିଆ ଭାଷାର ଉନ୍ନତି ଓ ପଦମର୍ଯ୍ୟାଦା, ଐତିହ୍ୟ ଓ ଗାରିମା ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ପଣ୍ଡିତ କାମଦେବ ଶତପଥୀ, କବି ପଦ୍ମଜା ଶତପଥି ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ, ସିଆରସିସି ଶୀବସ୍ୱ ସାହୁ, ଶିକ୍ଷକ ମହେନ୍ଦ୍ର କୁମାର ସାହୁ, ଜିତେନ୍ଦ୍ର ସାହୁ, ନୟନା ସାହୁ, ସ୍ନେହଲତା ଦାସ, ଦଣ୍ଡଧର ସାହୁ, ଜଳଧର ସାହୁ, ପଦ୍ମନ ପୃଷ୍ଟି ଯୋଗଦେଇ ଓଡ଼ିଆ ଭାଷା ସହିତ୍ୟ, ସଂସ୍କୃତି ଉପରେ ନିଜ ନିଜ ବକ୍ତବ୍ୟ ଉସ୍ଥାପନ କରିଥିଲେ। ଦର୍ଶନ ନେଡ଼ାଲ ସରକାରୀ ବିଦ୍ୟାଳୟର ଶ୍ରୁତ ଲିଖନ, କବିତା ଲିଖନ ଓ ତର୍କ ବିଭାଗରେ ଭାଗ ନେଇଥିବା ୧୮ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈକୁଣ୍ଠ ବରାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷାବିତ ମାଗୁଣି ଚରଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

**କୁଆଖିଆ:** ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ସମିତି ସଭ୍ୟ ଅଜୟ କୁମାର ପଣ୍ଡା, ବ୍ଲକ ଏପିଓ ସୁଚିସ୍ମିତା ଜେନା, ପଞ୍ଚାୟତ ଅଧିକାରୀ ପ୍ରଭାକର ପଣ୍ଡା ଯୋଗଦେଇ ଆମର ଭବିଷ୍ୟତ ପିଢ଼ି ପାଇଁ ଆମ ଭାଷାର ଐତିହ୍ୟ ଓ ଗାରିମାକୁ ଏହି କାର୍ଯ୍ୟକ୍ରମ ଅଧିକ ଉଜ୍ଜଳମୟ କରିବ ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଯୁଗାନ୍ତକାରୀ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏ ଅବସରରେ ସାହିତ୍ୟିକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ସାମଲ ଓ ପାଲା ଗାୟକ କେଶବ ପଣ୍ଡାଙ୍କ ସମେତ ପଞ୍ଚାୟତର ବିଭିନ୍ନ ହାଇସ୍କୁଲର ଭାଷଣ ଓ ସଙ୍ଗୀତରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟ ପ୍ରକାଶ ଖୁଣ୍ଟିଆ ଅତିଥି ପରିଚୟ ଓ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାଳ, ଆର୍ତ୍ତବନ୍ଧୁ ବୋଇତାଇ, ଶିକ୍ଷକ ରାଜୀବ ସାମଲଙ୍କ ସମେତ ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ।

**ବରୀ:** ଯାଜପୁର ଜିଲ୍ଲା ବରୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବ୍ଲକ ସଭାଗୃହ ପରିସରରେ ଶନିବାର ଦିନ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରୀ ବିଡିଓ ପଞ୍ଚାନନ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ସରୋଜ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ଯୋଗଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ କବି ନିର୍ମଳ କୁମାର ଗିରି, କବି କୁଞ୍ଜବିହାରୀ ଦାଶ, କବି ବ୍ରଜମୋହନ ସାମଲ, କବି ଡକ୍ଟର ନିରଞ୍ଜନ ସାହୁ, ଗାଳ୍ପିକ ପ୍ରତାପ କୁମାର ଦାସ, କବି ସୁମନ୍ତ କୁମାର ପଣ୍ଡା, ଶିଶୁ ସାହିତ୍ୟିକ ଅଜୟ କୁମାର ଜେନା, କବି ସବିତା ନାୟକ ଓ କବି ମହାପାତ୍ର ବନ୍ଦନା ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟକୁ ଅଜୟ କୁମାର ଜେନା ସଞ୍ଚାଳନ କରିଥିବାବେଳେ ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ପ୍ରଗତି ସହାୟକ ଲକ୍ଷ୍ମୀକାନ୍ତ ମହାରଣା, ବରିଷ୍ଠ କିରାଣି ସରୋଜ କାନ୍ତ ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ଜେନା, ଏପିଓ ରବିନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କୋରେଇ:** ଆମ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ଭାଷା ସମ୍ପର୍କିତ ବିଭିନ୍ନ କଳାକୃତି ଉପରେ ଗୁରୁତ୍ୱ ପ୍ରଦାନ କରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ହେଉଛି। ଏ ପରିପ୍ରେକ୍ଷୀରେ ଆମ ରାଜ୍ୟ ଓଡ଼ିଶାର ପ୍ରତି ବ୍ଲକ ତଥା ପଞ୍ଚାୟତରେ ଆୟୋଜିତ ହେଉଥିଲାବେଳେ ଯାଜପୁର ଜିଲ୍ଲା କୋରେଇ ବ୍ଲକ ତଥା ଏହି ବ୍ଲକ ଅନ୍ତର୍ଗତ ୨୮ଟି ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ହୋଇଛି। କୋରେଇ ବିଡିଓ ଅଶୋକ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଉପରେ ଆଲୋଚନା ହେବା ସହିତ ସାହିତ୍ୟିକ, କବି, ନାଟ୍ୟକାର ୧୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଗୀତିକବି ତଥା ଶିଶୁ ସାହିତ୍ୟିକ ନନ୍ଦକିଶୋର ସିଂ, ଆଲୋଚକ, ଗାଳ୍ପିକ, କବି, ପ୍ରାବନ୍ଧିକ, ପ୍ରବଚକ ତଥା କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ବରିଷ୍ଠ ପ୍ରାବନ୍ଧିକ ତଥା ସମାଲୋଚକ ପ୍ରାଧ୍ୟାପକ ଶିବ ଚରଣ ମାଝୀ, କବି ଦୟାନିଧି ନାୟକ, ମଳୟ କୁମାର ମଲ୍ଲିକ, ନବଘନ ସ୍ୱାଇଁ, କୈଳାସ ଚନ୍ଦ୍ର ପାତ୍ର, ସେକ୍ ନସିମୁଲ ଗନି, ସାହିତ୍ୟିକା ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ବ୍ୟଙ୍ଗ କବି ବାଇଧର ମାଝୀ, ନାଟ୍ୟକାର ବିନୋଦ ବିହାରୀ ସାହୁ, ପ୍ରାବନ୍ଧିକ ଅଶୋକ କୁମାର ପତି, ସ୍ମୃତିଲିପିର ସମ୍ପାଦକ ଭୁବନମୋହନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କାହ୍ନୁଚରଣ ଓ ତାରିଣୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ଓ ଅଜୟ କୁମାର ଦାଶ ପାଲା ପରିବେଷଣ କରିଥିଲେ।


ଗୋଳେଇପୁର ପଞ୍ଚାୟତ


ବ୍ରହ୍ମବରଦା


କୁଆଖିଆ


ବରୀ


କୋରେଇ

## ରାଞ୍ଚିରେ ଓଡ଼ିଆ ବ୍ୟକ୍ତିଙ୍କ ମୃତ୍ୟୁ, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

**ପାଣିକୋଇଲି, ୩।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ଜଣେ ବ୍ୟକ୍ତିଙ୍କ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲ୍ଲାରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସୋତି ଗ୍ରାମର ଜଣେ ବ୍ୟକ୍ତିଙ୍କ ସମ୍ପର୍କୀୟ ରାଞ୍ଚିସ୍ଥ ଏକ ମାନସିକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଚିକିତ୍ସା ନିମନ୍ତେ ଉକ୍ତ ବ୍ୟକ୍ତି ସୋତି ଗ୍ରାମର ଗଣନାଥ ବେହେରାଙ୍କ ପୁଅ ରମାକାନ୍ତ (୫୪) ଓରଫ କେଳା ହାତରେ ଟଙ୍କା ଦେଇ ମଙ୍ଗଳବାର ରାତିରେ ରାଞ୍ଚି ପଠାଇଥିଲେ। ରମାକାନ୍ତ ରାଞ୍ଚିରେ ପହଞ୍ଚିବା ପରେ ବୁଧବାର ଦିନ ହଠାତ ତାଙ୍କର ମୃତ୍ୟୁ ଖବର ପରିବାର ଲୋକ ପାଇଥିଲେ। ତେବେ ରମାକାନ୍ତଙ୍କ ମୃତ୍ୟୁକୁ ନେଇ ପରିବାର ଭାଙ୍ଗି ପଡ଼ିଥିବାବେଳେ ଗ୍ରାମର କିଛି ବ୍ୟକ୍ତିଙ୍କ ସହାୟତାରେ ରାଞ୍ଚି ଜିଲ୍ଲା ବରିଆତୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ରମାକାନ୍ତଙ୍କ ଶବକୁ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରିଛି। ରମାକାନ୍ତଙ୍କ ଝିଅ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି।

## ନାବାଳିକାକୁ ମାଡ଼ ଅଭିଯୋଗ

**ଷଠିପୁର, ୩।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଅନ୍ତର୍ଗତ ବରପଦା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅକୁ ସେହି ଗ୍ରାମର ଗୋଟିଏ ପରିବାର ଘରୁ ଟାଣି ନେଇ ମାଡ଼ ମାରିଥିବା ନେଇ ନାବାଳିକାର ମାଆ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗୁଳି ଖଟୁଆଙ୍କ ଝିଅ (୧୭) ଘରେ ଏକାକୀ ଥିବା ସମୟରେ ସେହି ଗ୍ରାମର ଶଙ୍କର୍ଷଣ ସାମଲଙ୍କ ପୁଅ ସମ୍ବିତ ଗ୍ରାମ ଦେବତୀ ମଙ୍ଗଳା ଠାକୁରାଣୀଙ୍କ ନିକଟକୁ ଡ଼ାକିଲା। ନାବାଳିକାର ପିତାମାତା ଘରେ ନଥିବାରୁ ସେ ଯିବା ଲାଗି ମନା କରିଥିଲା। ପରେ ସମ୍ବିତ ସମେତ ତା'ର ବାପା ଶଙ୍କର୍ଷଣ ଓ ଦାଦା ମକରଧ୍ୱଜ ସମେତ ପିଉସୀ କେଶିଲତା ଉକ୍ତ ନାବାଳିକାକୁ ଘରୁ ଜୋର ଜବରଦସ୍ତ ଟାଣି ନେଇ ମାଡ଼ ମାରିଥିଲେ। ନାବାଳିକାର ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚିବା ପରେ ସେମାନେ ପଳାଇଯାଇଥିଲେ। ନାବାଳିକାର ପିତାମାତା ଘରକୁ ଫେରିବା ପରେ ସେ ଘଟଣା ବିଷୟରେ ଜଣାଇବାରୁ ମାଆ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

■ ଶିକ୍ଷାଧିକାରୀଙ୍କ ସ୍କୁଲ ପରିଦର୍ଶନ

## ଦୁଇଟି ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ

**ବଡ଼ଚଣା, ୩।୨(ସମିସ):** ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଉନ୍ନତି ପାଇଁ ରାଜ୍ୟ ସରକାର ବହୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଶିକ୍ଷାର ପ୍ରସାର ପାଇଁ ସରକାର ଉଚ୍ଚ ବେତନ ମଧ୍ୟ ଦେଉଛନ୍ତି। ମାତ୍ର କେତକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ଏହାର ସୁଫଳ ଛାତ୍ରଛାତ୍ରୀ ପାଇପାରୁନାହାନ୍ତି। ଗତକାଲି ବଡ଼ଚଣା ଶିକ୍ଷାଧିକାରୀ ସବିତା ସାହୁ ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ କୂଳହରିପୁର ପ୍ରାଥମିକ ବିଦ୍ୟାଳୟ ଓ ସତ୍ୟନାରାୟଣ ନୋଡାଲ ୟୁପି ସ୍କୁଲ ପରିଦର୍ଶନରେ ଯାଇଥିଲେ। ଏହି ଦୁଇଟି ଯାକ ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। ପ୍ରଥମ ସ୍କୁଲଟି ୩.୩୦ ଓ ଦ୍ୱିତୀୟ ସ୍କୁଲଟି ୩.୪୦ରେ ବନ୍ଦ ହୋଇଥିବା ଦେଖିବାକୁ ପାଇଥିଲେ। ସରକାରୀ ନିୟମାନୁସାରେ ସକାଳ ଦଶଟାଠାରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବା କଥା। ମାତ୍ର ସ୍କୁଲ ଦୁଇଟି ବହୁ ପୂର୍ବରୁ ସ୍କୁଲ ଛୁଟି କରିଥିଲେ। ସେଥିପାଇଁ ଶିକ୍ଷାଧିକାରୀ ଏହି ଦୁଇଟି ସ୍କୁଲକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିଛନ୍ତି। ଶିକ୍ଷାଧିକାରୀଙ୍କ ଏତାଦୃଶ କାର୍ଯ୍ୟାନୁଷ୍ଠାନକୁ ଅଭିଭାବକ ପ୍ରଶଂସା କରିଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କଏଦୀଙ୍କୁ ସ୍ୱତନ୍ତ୍ର ଧନ୍ଦାମୂଳକ ପ୍ରଶିକ୍ଷଣ

**କୋରେଇ, ୩।୨ (ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ରଗଡ଼ି ଉପକାରାଗାରରେ ଏକ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉକ୍ତ ଜେଲ୍‌ର ଅନ୍ତେବାସୀ କିପରି ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣର ସୁଯୋଗ ନେଇ ନିଜକୁ ଆତ୍ମନିର୍ଭରଶୀଳ ହୋଇପାରିବେ, ସେଭଳି ଉପଦେଶ ଦିଆଯାଇଥିଲା। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ, ଉପକାରାଗାର ଅଧକ୍ଷା ଶ୍ରୀମତୀ ଅନୁସୂୟା ଷଡ଼ଙ୍ଗୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଆ, ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ, ଯାଜପୁରର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ ଓ ପ୍ରଶିକ୍ଷକ ପ୍ରସନ୍ନ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଜେଲ୍‌ର ଅନ୍ତେବାସୀଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ଦେଇଥିଲେ।




## ମା'ତାରିଣୀ କଲେଜରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ

ପାଣିକୋଇଲି, ୩।୨(ସମିସ)

ପାଣିକୋଇଲିସ୍ଥ ମା' ତାରିଣୀ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଆଜି ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ +୩ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇ ଏହି ବାଳିକା ଆତ୍ମରକ୍ଷା କାର୍ଯ୍ୟକ୍ରମ ୨୦୧୨ ଦିଲ୍ଲୀର ନିର୍ଭୟା ଘଟଣା ପରଠାରୁ ଭାରତ ସରକାର ସମସ୍ତ ମହାବିଦ୍ୟାଳୟରେ କରାଇବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଗୌରହରି ମହାପାତ୍ର ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ଦାଶ, ମଦନ ମୋହନ ପାତ୍ର, ବିଦ୍ୟାଧର ବେହେରା, ବଳରାମ ପଣ୍ଡା, ଗୋପବନ୍ଧୁ ସାହୁ, ସୋମନାଥ ପତି, ସୁଶାନ୍ତ ପଣ୍ଡା, ତୁଷାର ପୁହାଣ, ଅଧ୍ୟାପିକା ବସନ୍ତ ମଞ୍ଜରୀ ସାହୁ, ପ୍ରଭାମୟୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ପ୍ରଶିକ୍ଷିକା ସନ୍ତୋଷ ରାଣୀ ପଣ୍ଡା ଯୋଗ ଦେଇଛନ୍ତି। ଅଧ୍ୟାପକ ବଳରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




## ଅବିନାଶ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବଡ଼କୁଆଁଲକୁ ହରାଇ ତିନିଘରିଆ ଚାମ୍ପିଅନ୍

ମଙ୍ଗଳପୁର/କୟାଁଗୋଲା, ୩।୨ (ସମିସ)




ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ସମ୍ମୁଖ ପଡ଼ିଆରେ ନେତାଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୫ତମ ଜିଲ୍ଲାସ୍ତରୀୟ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବଡ଼କୁଆଁଲ କ୍ରିକେଟ ଟିମ ଓ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ରଘୁବରଜୀଉ କ୍ରିକେଟ ଟିମ ତିନିଘରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବଡ଼କୁଆଁଲ କ୍ରିକେଟ ଟିମ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ହରେଇ ୮୪ ରନ ସଂଗ୍ରହ କରିଥିବାବେଳେ ଜବାବରେ ତିନିଘରିଆ କ୍ରିକେଟ ଟିମ ୯.୩ ଓଭରରେ ୮ ୱିକେଟ ହରେଇ ୮୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ସୌରଭ ଦାସ ମ୍ୟାନ ଅଫ୍ ଦି ମ୍ୟାଚ, ବିଶ୍ୱଜିତ ଦଳେଇ ମ୍ୟାନ ଅଫ୍ ଦି ସିରିଜ, ରମନ ସାହୁ ବେଷ୍ଟ ବୋଲର, ରିକି ଦାସ ବେଷ୍ଟ ଫିଲଡର, କାଳିଆ ରାଉତ ବେଷ୍ଟ କ୍ୟାଚର, କୂଳସାହି କ୍ରିକେଟ୍ ଟିମ୍ ଶୃଙ୍ଖଳିତ ଦଳ ବିବେଚିତ ହୋଇଥିଲେ। ଅଜିତ ମଲ୍ଲିକ, ଆରତ ରଞ୍ଜନ ନାୟକ ଓ ପ୍ରିୟବ୍ରତ ବିଶ୍ୱାଳ ଖେଳ ପରିଚାଳନା କରିଥିବାବେଳେ ସନ୍ତୋଷ ପଣ୍ଡା ଓ ଅଭିମନ୍ୟୁ ଯେନା ଭାଷ୍ୟକାର ଥିଲେ। ରଶ୍ମୀରଞ୍ଜନ ବାରିକ ସ୍କୋରର ଥିଲେ।

ନେତାଜୀ କ୍ଲବ ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ କ୍ରୀଡ଼ା ହେଉଛି ମନୁଷ୍ୟର ଅନ୍ୟ ଏକ ଅଙ୍ଗ ବୋଲି କହିବା ସହ ଜିଲ୍ଲା ଜିଲ୍ଲା ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ କରିବା ପାଇଁ ଆଜିର ଦୁନିଆରେ କ୍ରୀଡ଼ା ହିଁ ଏକ ମାଧ୍ୟମ ସାଜିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବିଜୁ ଜନତା ଦଳ ସଭାପତି ସରୋଜ କୁମାର ମହାପାତ୍ର, ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ବ୍ଲକ ଛାତ୍ର ବିଜେଡି ସଭାପତି ଚିରଞ୍ଜୀବ ତପନ ରାଉତ, କୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ସମିତିସଭ୍ୟ ରୋଶନ ଦାସ, କମାରଡ଼ିହି ସରପଞ୍ଚ ଚିତ୍ତରଞ୍ଜନ ନାୟକ, ସମିତିସଭ୍ୟା ସଜନୀ ଯେନା, ଯାଜପୁର ଜିଲ୍ଲା ବିଜୁ ଯୁବ ଜନତା ଦଳର ଉପସଭାପତି ବିରଜା ମଲ୍ଲିକ, ଥାଲକୁଡ଼ି ପଞ୍ଚାୟତର ବିଜୁ ଜନତା ଦଳର ସଭାପତି ବିଜୟ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅବିନାଶଙ୍କ ସ୍ମୃତିକୁ ସବୁଦିନ ପାଇଁ ମନେ ରଖିବା ଉଦ୍ଦେଶ୍ୟରେ ଓଷ୍ଟାର ପୂର୍ବତନ ସାଧାରଣ ସମ୍ପାଦକ ତଥା ଜୟଚଣ୍ଡୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୀତବାସ ବେହୁରିଆ ଓ ଜୟଚଣ୍ଡୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ନାୟକଙ୍କୁ ବାଚସ୍ପତିଙ୍କ ଦ୍ୱାରା ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସଭ୍ୟ ସୁବ୍ରତ ଯେନା, ଲକ୍ଷ୍ମଣ ସେଠୀ, ନିରଞ୍ଜନ ବାରିକ, ବିଶ୍ୱଜିତ ପଣ୍ଡା, ଗୋଲଖ ବାରିକ, ମନୋଜ ବାରିକ, ବାପିନା ସାହୁ, ବଟିଆ ଯେନା, ବିଟନ ବାରିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସମ୍ପାଦକ ଆର୍ତ୍ତରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ଯାଜପୁର ପୌର ପରିଷଦରେ 'ବନ୍ଦେ ଉତ୍କଳ ଜନନୀ' ଗାନ

**ଯାଜପୁର, ୩।୨(ସମିସ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥ ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆରମ୍ଭ ହୋଇଛି। ଏଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା ପ୍ରଶାସନ ଓ ଯାଜପୁର ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ଗାନ କରାଯାଇଛି।

ଯାଜପୁର ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦୁ କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକିଶୋର ଜେନା, ଯାଜପୁର ପୌର ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ରଞ୍ଜୁଲତା ହୋତା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୧ ଘଟିକା ସମୟରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଆଞ୍ଚଳିକ ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ନିକ୍ଷେପକ ଶାନ୍ତନୁ ସାହୁ ଡାକବାଜି ଯନ୍ତ୍ର ଦ୍ୱାରା ପରିବେଷଣ ପୂର୍ବକ ସମସ୍ତେ ଦଣ୍ଡାୟମାନ ସମ୍ମାନ ପ୍ରଦର୍ଶନ କରିଥିଲେ। ଯାଜପୁର ପୌର ପରିଷଦ ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ସଚେତନତା ରଥକୁ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପୌର ପରିଷଦର ସମସ୍ତ ପାରିଷଦ, ଜିଲ୍ଲା କାର୍ଯ୍ୟାଳୟ ଓ ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲା ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ, ମିଶନ ଶକ୍ତି କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ଯାଜପୁର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଯାଜପୁର, ୩।୨(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁଠାରେ ଥିବା ଯାଜପୁର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ 'ନୂଆ-ଓ' ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପରିପ୍ରେକ୍ଷୀରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ପ୍ରତିଷ୍ଠାନର ଅଧ୍ୟକ୍ଷା ଯନ୍ତ୍ରୀ ସବିତା ରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଉପେନ୍ଦ୍ର ନାଥ ସାରଦା ମହାବିଦ୍ୟାଳୟର ପ୍ରାଧ୍ୟାପକ ବିଦ୍ୟୁଭୂଷଣ ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ବିଶ୍ୱରେ ଚତୁର୍ଥ ସ୍ଥାନ ଗ୍ରହଣ କରିଥିବା ଓ ଓଡ଼ିଆ ଭାଷା ସାହିତ୍ୟ ମନୁଷ୍ୟର ଅମୂଲ୍ୟ ସମ୍ପଦ ବୋଲି ପ୍ରକାଶ କରିଥିଲେ। ମନୁଷ୍ୟକୁ ରୂପାନ୍ତରିତ କରାଇବାରେ ଭାଷା ସାହିତ୍ୟର ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ଅଧ୍ୟାପକ ସୁରେନ୍ଦ୍ର କୁମାର ପାତ୍ର ଯୋଗଦେଇ ପଞ୍ଚଦଶ ଶତାବ୍ଦୀରେ ଜନ୍ମ ହୋଇଥିବା ଓଡ଼ିଆ ଭାଷା ସାହିତ୍ୟ ଆଜି ମନୁଷ୍ୟର ପଥ ପ୍ରଦର୍ଶକ ହୋଇପାରିଥିବାବେଳେ ସାହିତ୍ୟର ଅଭିବୃଦ୍ଧି କ୍ଷେତ୍ରରେ ଭାଷାର ପ୍ରମୁଖ ଭୂମିକା ସମ୍ବନ୍ଧରେ ବିଭିନ୍ନ ପ୍ରକାରର ବେଦ ବେଦାନ୍ତ, ପୋଥି, ରାମାୟଣ ଓ ଭାଗବତ ଆଦିର ଉଦାହରଣ ସ୍ୱରୂପ ଅତ୍ୟନ୍ତ ସରଳ ଭାଷାରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅଧ୍ୟକ୍ଷା ଯନ୍ତ୍ରୀ ସବିତା ରାଣୀ ସାହୁ, 'ଉଚ୍ଚ ହେବୁ ଯେବେ କରିଅଛୁ ଆଶା, ଉଚ୍ଚ କର ତେବେ ନିଜ ମାତୃଭାଷା' ସଂଳାପ ଜରିଆରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଭାଷା ସାହିତ୍ୟ ନିଜର ଭବିଷ୍ୟତ ଗଠନରେ ସହାୟକ ହୁଏ ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସ୍ୱାଗତ ସାହୁ ପରିଚାଳନା କରିଥିବାବେଳେ ଶିଳ୍ପ ପ୍ରତିଷ୍ଠାନର ସମସ୍ତ ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ହରିଭକ୍ତ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଧଉଳି ଗଣନାଟ୍ୟର ୬ ଜଣଙ୍କ ମୃତ୍ୟୁ ଘଟଣା

# ଯାତ୍ରା ଟେକ୍ନିସିଆନ୍ ଓ କଳାକାର ସଂଘ ପକ୍ଷରୁ ସହାୟତା ପ୍ରଦାନ

**ଧର୍ମଶାଳା, ୩।୨ (ସମିସ):** ଗତ ମାସ ୨୪ ତାରିଖରେ ବାରିପଦା ବିଶୋଇଠାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଧଉଳି ଗଣନାଟ୍ୟର ୬ ଜଣଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଜି ଜାରକାଠାରେ ଯାତ୍ରା ଟେକ୍ନିସିଆନ୍ ଓ କଳାକାର ସଂଘ ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀ କରାଯାଇ ଏହି ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂଘର ଆବାହକ ସୁଶାନ୍ତ ଦାସ କହିଲେ, ଟେକ୍ନିସିଆନ୍ ଟେଣ୍ଟ ତଳେ ବର୍ଷସାରା ଅତିବାହିତ କରନ୍ତି। ଆମମାନଙ୍କର କୌଣସି ବୀମା ନାହିଁ। ଟ୍ରକ୍ ଡାଲାରେ ଯାତାୟାତ ଆମ ନିତିଦିନିଆ ଜୀବନ। କିଏ ଜାଣିଥିଲା ସେଦିନ ଏମିତି ଅଘଟଣ ଘଟିବ। କାହାର ସ୍ୱାମୀ, କାହାର ଭାଇ, କାହାର ବାପାଙ୍କ ଜୀବନ ସେହି ଅଶୁଭ ଘାଟିରେ ଚାଲିଯିବ। ପରିବାରର ସେମାନେ ଏକମାତ୍ର ସାହାରା



ଥିଲେ। ଶୁଦ୍ଧିକ୍ରିୟା ପାଇଁ ଅର୍ଥର ଅଭାବ ରହିଛି। ଏଥିପାଇଁ ଆମ ସଂଘ ସେମାନଙ୍କ ପରିବାରକୁ ଏହି ଦୁଃଖ ସମୟରେ ସେମାନଙ୍କ ପାଖରେ ଠିଆ ହେବା ଓ କିଛି ଆର୍ଥିକ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ୮ଟି ଯାତ୍ରା ପାର୍ଟିଠାରୁ ୧ ଲକ୍ଷ ୯୦ ହଜାର ଟଙ୍କା ସଂଗ୍ରହ କରାଯାଇଥିଲା। ୬ ଜଣ ମୃତକ ପରିବାରକୁ ୩୦ ହଜାର ଲେଖାଏଁ ୧ ଲକ୍ଷ ୮୦ ହଜାର ଓ ଜଣେ ଆହତ ବ୍ୟକ୍ତି ତପୁଆ ବଳଙ୍କୁ ୧୦ ହଜାର ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ଏ ଅବସରରେ ମୃତ ଦିଲ୍ଲୀପ ଜେନାଙ୍କ ମାଆ, ଅଶୋକ ମଲିକଙ୍କ ଭାଇ, ଝଡେଶ୍ୱର ମୁଣ୍ଡାଙ୍କ ସ୍ତ୍ରୀ, ମାଧବ ପଲେଇଙ୍କ ବାପାମାତା, ସୁରୁ ମୁର୍ମୁଙ୍କ ଭାଇ ଓ ରାଇଟର ଦେହୁରୀଙ୍କ ଭିଣେଇ ପ୍ରମୁଖଙ୍କୁ ଏହି ସାମ୍ବାଦିକ ସମ୍ମିଳନୀରେ ଅର୍ଥ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ପକ୍ଷରୁ ନନ୍ଦକିଶୋର ମହାକୁଡ, ପ୍ରଦୀପ୍ତ ମଲିକ, କୁମାର ମଙ୍ଗୁ, ନିର୍ମଳ ସ୍ୱାଇଁ, ମାନସ ରାଉତ, ନବଜ୍ୟୋତି ଦାସ, ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମଙ୍ଗଳପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ମଙ୍ଗଳପୁର, ୩।୨(ସମିସ)**

ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ଣ୍ଣଦାଣ୍ଡୀ ପଡ଼ିଆରେ ସରପଞ୍ଚଙ୍କ ପ୍ରତିନିଧି ଶିଶିର କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି ସମାଜସେବୀ କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ମଙ୍ଗଳପୁର ସରପଞ୍ଚ ସସ୍ମିତା ଧଳ, ସମିତିସଭ୍ୟା ସରିତା ପଣ୍ଡା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରିବ ବୋଲି କହିଥିଲେ। ପଞ୍ଚାୟତର ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ବିଭିନ୍ନ ପ୍ରକାର ଷ୍ଟଲ ପକାଇ ସେମାନଙ୍କ ସାମଗ୍ରୀକୁ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ନେତା ଚିନ୍ମୟ କୁମାର ମାହୁନ୍ତ, ସୁମନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୁରଲୀଧର ସ୍ମୃତି ପରିଷଦର ବାର୍ଷିକ ଉତ୍ସବ

**ସିଂହପୁର, ୩।୨(ସମିସ):** ବିଶିଷ୍ଟ ଶିକ୍ଷାବିତ ମୁରଲୀଧର ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ମୁରଲୀଧର ସ୍ମୃତି ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସ୍ମରଣିକା "ସ୍ମୃତି ସମ୍ଭାର' ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ଉଜାଙ୍ଗରେ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ସିଟି ଡିଏସପି ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ବିକାଶ ପଣ୍ଡା, ମୁଖ୍ୟବକ୍ତା କବି ନେତ୍ରାନନ୍ଦ ଦାସ, ସମ୍ମାନିତ ଅତିଥି ଆଳି ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସରୋଜ କୁମାର ମଲିକ, ବରିଷ୍ଠ ସାମ୍ବାଦିକ ଅନିରୁଦ୍ଧ ବେଉରିଆ, କବି ପ୍ରସନ୍ନ କୁମାର ନାୟକ, ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ ନିମାଇଁ ଚରଣ ଦାସ, ପୃଷ୍ଠପୋଷକ ରାହାସ ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇ ମୁରଲୀ ସାରଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବାହ୍ନରେ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ



ଲୋତକ ବିନ୍ଦୁ ଦାସ, ଦିଲ୍ଲୀପ କୁମାର ରାଉତ, ମିତ୍ରଭାନୁ ସାମନ୍ତସିଂହାର, ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ବଟକୃଷ୍ଣ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ଶ୍ରୀବାସ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ସ୍ମରଣିକା ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୨୨ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୃଷ୍ଠପୋଷକ ରାହାସ ବିହାରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସିଂହପୁର, ୩।୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷ ଘନଶ୍ୟାମ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ କର୍ମଚାରୀ ପରିଷଦର ସମ୍ପାଦକ ପ୍ରଣୟ ଥାଟୋଇଙ୍କ ଆହ୍ୱାନ କ୍ରମେ ନୂତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୂର୍ଣ୍ଣଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦାୟୀ ଅଧ୍ୟକ୍ଷ ଘନଶ୍ୟାମ ଜେନାଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଶିକ୍ଷାବିତ କଳାକର ପାତ୍ର, କଲେଜ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଭୋଟକା ପଞ୍ଚାୟତରେ ସାମାଜିକ ସମୀକ୍ଷା

**କୁଆଖିଆ, ୩।୨(ସମିସ):** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ ସାମାଜିକ ସମୀକ୍ଷା କାର୍ଯ୍ୟ ଜାରି ରହିଛି। କ୍ଲଷ୍ଟର ସାମାଜିକ ସମୀକ୍ଷକ ପ୍ରଧାନମନ୍ତ୍ରୀ ଆବାସ, ଜାତୀୟ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା, ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା, ଖାଦ୍ୟ ସୁରକ୍ଷା ଯୋଜନା, ୨୦୨୨-୨୩ ଆର୍ଥିକବର୍ଷ ୬ ମାସ ଅବଧିର ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଜରିଆରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟଧାରା ଓ ଫାଇଲର ସ୍ଥିତି ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବେ। କ୍ଲଷ୍ଟର ସାମାଜିକ ସମୀକ୍ଷକ ମଧୁସ୍ମିତା ସାହୁ, ରମାମଣି ସାହୁ ସମୀକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେମାନେ କ୍ଷେତ୍ର ପରିଦର୍ଶନ କରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ସ୍ୱଚ୍ଛତା ଦିଗକୁ ପରଖୁଛନ୍ତି। ଏହି କାର୍ଯ୍ୟ ୧୫ ଦିନ ଧରି ଜାରି ରହିବ। ଉକ୍ତ ସମୀକ୍ଷାର ସ୍ଥିତି ପରିଖିବା ପାଇଁ ଜିଲ୍ଲା ସାମାଜିକ ସମୀକ୍ଷକ ସତ୍ୟରଞ୍ଜନ ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସମୀକ୍ଷକଙ୍କ କାର୍ଯ୍ୟଧାରା ଓ ସମୀକ୍ଷା ବେଳେ ଯୋଜନାକୁ ନେଇ ସଂଗୃହୀତ ଅନିୟମିତତା ତଥ୍ୟର ସ୍ଥିତିକୁ ଯାଞ୍ଚ କରିଥିଲେ। ଜିଲ୍ଲା ସମୀକ୍ଷକ ଶ୍ରୀ ବେହେରା ବିଭିନ୍ନ ଯୋଜନାକୁ ନେଇ ହେଉଥିବା ସମୀକ୍ଷା ଓ ସମୀକ୍ଷକଙ୍କ କାର୍ଯ୍ୟଧାର ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ସହ ଆଲୋଚନା କରିଥିଲେ।

# ଶଙ୍ଖଚିଲା ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**ବ୍ୟାସନଗର, ୩।୨(ସମିସ):** ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ୧୯୭୩ ବ୍ୟାଚ୍ ବନ୍ଧୁ ମିଳନ ମା' ହିଙ୍ଗୁଳା ପୀଠ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବେଣୁଧର ଗୁରୁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଗଙ୍ଗାଧର ସାହୁ ମଞ୍ଚ ପରିଚାଳନା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ମାଧବାନନ୍ଦ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସହସମ୍ପାଦକ ଅନୀଲ କୁମାର ସାହୁ ପରିଚୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷକ ତଥା ହିଙ୍ଗୁଳା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ ଓ ପୂରାତନ ଶିକ୍ଷକ ପଦ୍ମନାଭ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ମୁଖ୍ୟ ନନ୍ଦକିଶୋର ସାହୁ ଓ ସାମାଜିକ କର୍ମୀ ଅକ୍ଷୟ କୁମାର ଜେନା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ବର୍ଷ ଉତ୍ସବକୁ ସଙ୍ଘର ୫୦ତମ ବାର୍ଷିକ ମହୋତ୍ସବ ଢଙ୍ଗରେ ସୁବର୍ଣ୍ଣ ଜୟନ୍ତୀ ପାଳନ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁନନ୍ଦା ସାହୁ, କୈଳାସ ଚନ୍ଦ୍ର ପଣ୍ଡା, ବାବାଜୀ ଚରଣ ବେହେରା, ବଟକୃଷ୍ଣ ସାହୁ, ଦଶରଥ ସାହୁ, ମାୟାଧର ମଲିକ, ନାରାୟଣ ସାହୁ, ପୀତବାସ ସାହୁ, ହରିହର ବାରିକ, ଭକ୍ତ ଚରଣ ବେହେରା, ବାମନ ସାହୁ, ପ୍ରଶାନ୍ତ ମହାନ୍ତି, ବିଜୟ କୁମାର ସାହୁ ଓ ସୁବାସ ଚନ୍ଦ୍ର ବଳ ପ୍ରମୁଖ ଯୋଗ ଦେଇଥିଲେ। ବଟକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନର ପଦକ୍ଷେପ

# ଦୂରହେବ ଦୀର୍ଘବର୍ଷର ବର୍ଷାଜଳ ନିଷ୍କାସନ ସମସ୍ୟା

**ପ୍ରୀତିପୁର, ୩।୨ (ସମିସ)**

ବିଞ୍ଝାରପୁର ଅଞ୍ଚଳର ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ପ୍ରତିବର୍ଷ ପ୍ରାୟ ୧୦ ହଜାର ହେକ୍ଟର ଚାଷଜମିରେ ଧାନ ଫସଲ ପ୍ରଭାବିତ ହେଉଛି। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ହୋଇପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀ ଓ ବୁଦ୍ଧିଜୀବୀ ୨୦୨୨ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ଜନସ୍ୱାର୍ଥ ମାମଲା ପରେ ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲ୍ଲାପାଳଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ନିଜ କୋର୍ଟରେ ମାମଲାର ଶୁଣାଣି କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଞ୍ଝାରପୁର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ଗତବର୍ଷ ମୌସୁମୀ ବର୍ଷା ହେତୁ କାର୍ଯ୍ୟ ଆରମ୍ଭ କରାଯାଇପାରି ନ ଥିଲା। ଚଳିତ ବର୍ଷ ବିଞ୍ଝାରପୁର ଜଳ ନିକାସ ବିଭାଗ ସମସ୍ୟାର ସମାଧାନ ନିମନ୍ତେ ତତ୍ପରତା ପ୍ରକାଶ କରିଥିବା ଜଣାପଡ଼ିଛି। ସ୍ଥାୟୀ ଭାବେ ମାଛଧରା ବନ୍ଧ ଉଚ୍ଛେଦ ଓ ନାଳ ଖନନ କାର୍ଯ୍ୟ ହାତକୁ ନିଆଯାଇଛି। ବିଶେଷକରି ଯୋକେଇ, କୁଶେଇ, ଜୁଣେଇଁ ଓ ବେଙ୍ଗା ସିଷ୍ଟମର ନାଳଗୁଡିକୁ ପ୍ରଶସ୍ତିକରଣ ଓ ଖନନ ନିମିତ୍ତ ଯୋଜନା ଚୂଡ଼ାନ୍ତ ହୋଇଛି ବୋଲି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି ପ୍ରକାଶ କରିଛନ୍ତି। କାମଦେବ ମାହାରା ଖନନ ପାଇଁ ଜମି ଅଧିଗ୍ରହଣ, ଅଣ୍ଡାଳୋ



ନିକଟରୁ ଖୋଳାଯାଇଥିବା କେନାଲ କାର୍ଯ୍ୟ ଶେଷ କରାଯାଇ ନୂଆ ମାହାରା ସହିତ ସଂଯୁକ୍ତ କରାଯିବା କାର୍ଯ୍ୟ ଆଗେଇ ଚାଲିଛି। ବଳଭଦ୍ରପୁର ଓ ଅଣ୍ଡାଳୋ ମଧ୍ୟରେ ଏକ ପୋଲ ନିର୍ମାଣ, ବିରିପଙ୍ଗା ଓ ଚାରିବାଟିଆ ମଧ୍ୟରେ ତୁରୁକି ମାହାରା ଓ ପୋତା ମାହାରା ମଧ୍ୟରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଚାଷ ଜମିରୁ ବର୍ଷଜଳ ନିଷ୍କାସନ ସମସ୍ୟା ଆଉ ରହିବ ନାହିଁ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳ ନିଷ୍କାସନ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ତେବେ ଏହାକୁ ନେଇ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଅନୁଷ୍ଠିତ ହୋଇଥିବା ବୈଠକରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କ ସହିତ କମିଟିର ବରିଷ୍ଠ ସଭ୍ୟ ଶିକ୍ଷାବିତ୍ ରବିନାରାୟଣ ସାମଲ, ପ୍ରମୋଦ କୁମାର ସାମଲ, ରବୀନ୍ଦ୍ର କୁମାର ଦାସ, ସରୋଜ କୁମାର ମଲ୍ଲିକ, ପ୍ରଫୁଲ୍ଲ କୁମାର ବେହେରା, ସୁବାସ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର କୁମାର ପତି, ବିଷ୍ଣୁ ଚରଣ ସାମଲ, ଉଦୟନାଥ ପଲାଇ ଓ ସଚ୍ଚିଦାନନ୍ଦ ଗୁରୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଦିନିକିଆ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଶିବିର



**ଯାଜପୁର, ୩।୨(ସମିସ):** ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ନୋଡାଲ ବିଭାଗ ପ୍ରୋତ୍ସାହନ, ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଦିନିକିଆ ଅନ୍‌ଲାଇନ୍ ସୂଚନା ଅଧିକାର ଅଧିନିୟମ ୨୦୦୫, ୪(୧)(ଖ) ପ୍ରଶିକ୍ଷଣ ଶିବିର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ପୌରୋହିତ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡେପୁଟୀ କଲେକ୍ଟର ରଶ୍ମୀରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ସଂଯୁକ୍ତା ଘଡ଼ାଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଡାକବାଜୀ ଯନ୍ତ୍ର ଦ୍ୱାରା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରଦତ୍ତ ଆଞ୍ଚଳିକ ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ନିକ୍ଷେପକ ଶାନ୍ତନୁ କୁମାର ସାହୁଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଅଧିକାର ଅଧିନିୟମ-୨୦୦୫ ବିଷୟ ବିଷାରଦ ହର୍ଷ ପରିଚ୍ଛାଙ୍କ ଦ୍ୱାରା ବିସ୍ତୃତ ଭାବେ ଅନ୍‌ଲାଇନ୍‌ରେ ୪(୧)(ଖ) ନିଧାର୍ଯ୍ୟ ପ୍ରତ୍ୟେକ କାର୍ଯ୍ୟାଳୟର ୧୭ ଟି ସୂଚନା ଆର୍‌ଟିଆଇ ପୋର୍ଟାଲରେ ପ୍ରଦର୍ଶନ ନିମନ୍ତେ ପ୍ରଥମ ଆପିଲେଟ ଅଥରିଟି ଓ ପିଆଇଓଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କର୍ମଶାଳାର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସଞ୍ଚାଳନ କରିଥିବାବେଳେ ବରିଷ୍ଠ ରାଜସ୍ୱ ସହାୟକ ନିତ୍ୟାନନ୍ଦ ନାୟକ, କନିଷ୍ଠ ଭଣ୍ଡାର ରକ୍ଷକ ସତ୍ୟଜିତ୍ ନାୟକ ସହଯୋଗ କରିଥିଲେ।

# ଲେମ୍ବୋ ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ



**ସୁକିନ୍ଦା, ୩।୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତରେ ଧାନମଣ୍ଡି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଦୀର୍ଘଦିନ ହେବ ଏହି ପଞ୍ଚାୟତର ଚାଷୀ ଧାନମଣ୍ଡି ପାଇଁ ଦାବି କରିଆସୁଥିଲେ। ଅନେକ ଦିନର ପ୍ରଚେଷ୍ଟା ପରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହଯୋଗରେ ଧାନମଣ୍ଡି ଖୋଲାଯାଇଥିବା ଜଣାପଡ଼ିଛି। ଏହି ମଣ୍ଡି ଦ୍ୱାରା ଲେମ୍ବୋ ଓ ବନ୍ଦଗାଁ ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହେବାସହ ଶସ୍ୟର ଉପଯୁକ୍ତ ମୂଲ୍ୟ ପାଇପାରିବେ ବୋଲି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମତବ୍ୟକ୍ତ କରିଛନ୍ତି। ମନ୍ତ୍ରୀଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ ଓ ସ୍ଥାନୀୟ ସରପଞ୍ଚ କଳ୍ପନା ପାତ୍ର ଉପସ୍ଥିତ ଥିଲେ।

# ମା'ତାରିଣୀଙ୍କ ପଦଯାତ୍ରା ପ୍ରସ୍ତୁତି ବୈଠକ



**ବଡ଼ଚଣା, ୩।୨ (ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଚଣ୍ଡିଖୋଲସ୍ଥ ନୂଆସୁଙ୍ଗୁଡା ଗ୍ରାମର ଗ୍ରାମବାସୀ ମା'ତାରିଣୀଙ୍କ ବିଜେ ସ୍ଥଳୀ ଘଟଗାଁକୁ ଆସନ୍ତା ୧୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ପଦଯାତ୍ରାରେ ଯିବେ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ତାରିଣୀ ସେବକ ଦୀନବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରା ପରେ ପଦଯାତ୍ରୀଙ୍କୁ ଚଣ୍ଡିଖୋଲ, ରାତ୍ରିପୁର, ଘସିପୁରା, ବାଲିଯୋଡିରେ ରାତ୍ରିଯାପନ କରିବା ସହିତ ୧୩ ତାରିଖରେ ମା'ତାରିଣୀଙ୍କ ପୀଠରେ କଳସ ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ ସୁରେନ୍ଦ୍ର ନାୟକ, ଭାଗ୍ୟଧର ସାହୁ, ବନମାଳୀ ସେନାପତି, ସୁଧାକର ସେନାପତି, ଦୀପ୍ତିକାନ୍ତ ନାୟକ, ସ୍ୱଦେଶ ନାୟକ, ସନ୍ତୋଷ ସେନାପତି, ବାଟକୃଷ୍ଣ ନାୟକ, ବିଚିତ୍ର ସେଠୀ, ଗୁରୁଦତ୍ତ ସ୍ୱାଇଁ, ବିଶ୍ୱଜିତ ସେନାପତି, ଆଖିନ ପୃଷ୍ଟି, ପ୍ରୀତମ ନାୟକ, ଚର୍ଚ୍ଚିତ ମାହାଲା, ସତ୍ୟବ୍ରତ ସେନାପତି, ଭାବଗ୍ରାହୀ ନାୟକ, କନକ ଦାସ, ଝୁନୁ ବେହେରା, ମାନସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ପରଲୋକ

**ବରୀ, ୩।୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଧାରପୁର ଗ୍ରାମର ବିଶିଷ୍ଟ ବ୍ୟବସାୟୀ ସୁଧାକର ଶ୍ୟାନ୍ତିଙ୍କ ପରଲୋକ ହୋଇଯାଇଛି। ୮୦ ବର୍ଷ ବୟସରେ ଶୁକ୍ରବାର ପୂର୍ବାହ୍ନ ୧୨ଟା ସମୟରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା କ୍ଷଣି ଧାରପୁର ଗ୍ରାମସ୍ଥ ତାଙ୍କ ବାସଭବନରେ ଶୁଭେଚ୍ଛୁଙ୍କ ଭିଡ ଲାଗିଥିଲା। ବରୀ ବିଧାୟିକା ସୁନନ୍ଦା ଦାସ, ବ୍ଲକ ବିଜେଡ଼ି ସଭାପତି କେଦାର ସାମଲ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ୨୧ନଂ ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ, ପ୍ରଦୀପ ଘଡ଼ାଇ, ସରପଞ୍ଚ କୁନା ମଲିକ, ସମିତିସଭ୍ୟ ଶ୍ରୀଧର ସେଠୀ, ସିଶୁ ସାହିତ୍ୟିକ ଅଜୟ ଜେନା, ବୀରେନ ରାଉତ, ଗୁରୁ ଚରଣ ଦାସ, ବସନ୍ତ ଭୂୟାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶ୍ୟାନ୍ତିଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶେଷ ଦର୍ଶନ କରିଥିଲେ।

